

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 SEPTEMBER 2021

Vol.No. 32 ■ No. 246 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ହାତୀ ଉଦ୍ଧାର ବେଳେ ଚାଲିଗଲା ସାମ୍ବାଦିକ ଅରିନ୍ଦମଙ୍କ ଜୀବନ





ଭୁବନେଶ୍ୱର,୨୪/୦୯ (ନି.ପ୍ର): କଟକ ମୁଣ୍ଡଳି ବ୍ୟାରେଜଠାରେ ମହାନଦୀରେ ଫସି ରହିଥିବା ହାତୀ ଉଦ୍ଧାର କରିବାବେଳେ ଓଟିଭିର ଚିଫ୍ ରିପୋର୍ଟର ଅରିନ୍ଦମ ଦାସ ପ୍ରାଣ ହରାଇଛନ୍ତି। ତାଙ୍କ ସହିତ ଥିବା କ୍ୟାମେରାମ୍ୟାନ ପ୍ରଭାତ ସିହ୍ନା ଗୁରୁତର ଅଛନ୍ତି। ଉଦ୍ଧାର କରିବାକୁ ନଦୀକୁ ଓହ୍ଲାଇଥିବା ଓଡ୍ରାଫର ରବର ବୋଟରେ ଖବର ସଂଗ୍ରହ କରିବାକୁ ଅରିନ୍ଦମ ଯାଇଥିଲେ । ତାଙ୍କ ମୃତ୍ୟୁ ସମ୍ପର୍କରେ କଟକ ବଡ଼ ମେଡିକାଲର ଜରୁରୀକାଳୀନ ଅଧିକାରୀ ଡ.ଭୁବନାନନ୍ଦ ମହାରଣା ସ୍ପଷ୍ଟ କରିଛନ୍ତି । କ୍ୟାମେରାମ୍ୟାନ ପ୍ରଭାତ ଆଇସିୟୁରେ ଥିବା ସେ କହିଛନ୍ତି। ଅରିନ୍ଦମଙ୍କ ଅକାଳ ବିୟୋଗରେ ସାମ୍ବାଦିକତା ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ପିସିସି ସଭାପତି ନିରଂଜନ ପଟ୍ଟନାୟକ , ବିଜେପି ସଭାପତି ସମୀର ମହାନ୍ତି , ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ବୋଟଟି ପାଣିର ପ୍ରଖର ସ୍ରୋତରେ ଖସିପଡ଼ିଥିଲା । ଫଳରେ ବୋଟରେ ଥିବା ଓଡ୍ରାଫ କର୍ମଚାରୀଙ୍କ ସହ ଅରିନ୍ଦମ ଓ ପ୍ରଭାତ ପାଣିରେ ଖସିପଡ଼ିଥିଲେ । ପରେ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଯାଇଥିଲା । ସେଠାରେ ଅରିନ୍ଦମଙ୍କୁ ରିସିଭ୍ ଡେଡ୍ ଘୋଷଣା କରାଯାଇଥିଲା। ପ୍ରଭାତ ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତି କରାଯାଇଛି।

## ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୨୪/୦୯(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜିଠାରୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ସେଠାରେ ସେ ନକ୍ସଲବାଦ ମୁକାବିଲା ସମ୍ପର୍କିତ ଏକ ବୈଠକରେ ଯୋଗଦାନ କରିବେ । ଉଲ୍ଲେଖନୀୟ ଯେ ନକ୍ସଲ ମୁକାବିଲା ଲାଗି କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଡକାଯାଇଥିବା ବୈଠକ ସେପ୍ଟେମ୍ବର ୨୬ ଅର୍ଥାତ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ। ଏହି ବୈଠକ ପାଇଁ ଦେଶର ସବୁ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ।

# ଚଳିତ ଦଶକ ହେବ ଭାରତ ଓ ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ

## ଜୋ ବାଇଡେନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୨୪/୦୯: ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ମୋଦୀ । ତେବେ ଆଲୋଚନା ସମୟରେ ମୋଦୀ କହିଛନ୍ତି ଚଳିତ ଦଶକ ଆମେରିକା ଓ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ପୂର୍ବଠାରୁ ଅଧିକ ନିବିଡ ହୋଇଛି ବୋଲି କହିଛନ୍ତି ମୋଦୀ । ଆମେରିକା ଓ ଭାରତକୁ ନେଇ ବାଇଡେନଙ୍କ ଲକ୍ଷ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ । ତେବେ ମୋଦୀ ହ୍ୱାଇଟ ହାଉସକୁ ଆସିବା ପରେ ବାଇଡେନ ଖୁସି ବ୍ୟକ୍ତ କରିଛନ୍ତି । କମଲା ହାରିସଙ୍କ ମା'ଙ୍କ ବିଷୟରେ ବୈଠକରେ କହିଛନ୍ତି ବାଇଡେନ । ସେ କହିଛନ୍ତି କମଲାଙ୍କ ମା ଭାରତର ଓ ଜଣେ ବିଖ୍ୟାତ ବୈଜ୍ଞାନିକ ମଧ୍ୟ । ଆଜିର ସମୟରେ ବିଶ୍ୱରେ ଶାନ୍ତି ଓ ସହନଶୀଳତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ବାଇଡେନ । ବାଇଡେନ କହିଛନ୍ତି ଭାରତ ଓ ଆମେରିକାର ସମ୍ପର୍କ ଆଗଠାରୁ ଆହୁରି ମଜଭୁତ ହେବାକୁ ଯାଉଛି । ଏହାସହ ଏହି ବୈଠକରେ ଆଫଗାନିସ୍ତାନ ପ୍ରସଙ୍ଗ, ଆତଙ୍କବାଦ, ଚୀନ ଓ ଟିକାକୁ ନେଇ ଉଭୟ ଦେଶର ଆଭିମୁଖ୍ୟ, ପରିବେଶ ସମ୍ପର୍କିତ କିଛି କଥା ଆଲୋଚନା କରିପାରନ୍ତି ଦୁଇ ଶକ୍ତିଶାଳି ଦେଶ ।

# ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ରର ଶୁଣାଣି ପାଇଁ ଯିବାବେଳେ ଟିଲ୍ଲୁ ଗ୍ୟାଙ୍ଗର ଆଖିବୁଜା ଗୁଳି ଚାଳନା



ନୂଆଦିଲ୍ଲୀ,୨୪/୦୯: ଦିଲ୍ଲୀ ରୋହିଣି କୋର୍ଟରେ ଗୁଳିକାଣ୍ଡ । ଓକିଲ ବେଶରେ କୋର୍ଟ ଭିତରେ ପଶି ଆଖିବୁଜା ଗୁଳି ଚଳାଇଛନ୍ତି ଅପରାଧୀ । ଗୁଳିକାଣ୍ଡରେ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ର ଗୋଗିର ମୃତ୍ୟୁ ହୋଇଛି । ତେବେ ତାକୁ ମାରିବାକୁ ଆସିଥିବା ଦୁଇଜଣ କ୍ରିମିନାଲ ମଧ୍ୟ ପୋଲିସ୍ ଗୁଳିରେ ନିହତ ହୋଇଛନ୍ତି । ରାଜଧାନୀ ଦିଲ୍ଲୀର ରୋହିଣୀ କୋର୍ଟ ପରିସରରେ ଦୁଇ ଗ୍ୟାଙ୍ଗ ମଧ୍ୟରେ ଗୁଳିକାଣ୍ଡ । ଏଥିରେ ମୋଷ୍ଟ ୱାଂଟେଡ କ୍ରିମିନାଲ ଜିତେନ୍ଦ୍ର ଗୋଗିର ମୃତ୍ୟୁ ହୋଇଛି । ଗୁଳିକାଣ୍ଡ କରିଥିବା ୨ ଜଣ ଅପରାଧୀ ଦିଲ୍ଲୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି । ଏହି ଘଟଣାରେ ୩ ଜଣ ଅପରାଧଙ୍କର ମୃତ୍ୟୁ ହୋଇଛି । ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ରର ଶୁକ୍ରବାର ରୋହିଣୀ କୋର୍ଟରେ ଶୁଣାଣିଥିବାବେଳେ ତାକୁ କୋର୍ଟକୁ ନେବା ସମୟରେ ଗୁଳିକାଣ୍ଡ ଘଟିଛି । ଜିତେନ୍ଦ୍ରକୁ ହତ୍ୟା କରିବା ପାଇଁ ଅନ୍ୟ ଗ୍ୟାଙ୍ଗର ୨ଜଣ ଅପରାଧି ଆଖିବୁଜା ଗୁଳି ଚଳାଇଥିଲେ । ଗୁଳି ଶବ୍ଦ ଶୁଣି ଉପସ୍ଥିତ ଲୋକେ ଭୟରେ ଏଠି ସେଠି ଦୌଡି ପଳାଇ ନିଜ ଜୀବନ ବଂଚାଇବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଦଳାଚକଟାରେ ଜଣେ ମହିଳା ଗୁରୁତର ହୋଇଥିବା ସୁଚନା ମିଳିଛି । ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ଜିତେନ୍ଦ୍ର ହେଉଛି ଜଣେ କୁଖ୍ୟାତ ଓ ପେସାଦାର ଅପରାଧୀ । ତାକୁ ପୁର୍ବରୁ ପୋଲିସ ବହୁବାର ଗିରଫ କରିଛି । ନିକଟରେ ସେ ଦିଲ୍ଲୀର ତିହାର ଜେଲ୍ ରେ ବନ୍ଦି ଥିଲା । କୌଣସି ଏକ ଅପରାଧିକ ମାମଲାର ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଆଇଏଏସ ଫଳାଫଳ : ଶୁଭମ କୁମାର ଟପ୍ପର

ଭୁବନେଶ୍ୱର,୨୪/୦୯(ନି.ପ୍ର): ପ୍ରକାଶ ପାଇଲା ୟୁପିଏସସି ପରୀକ୍ଷା ଫଳାଫଳ । ଶୁଭମ କୁମାର ଆଇଏଏସ ଟପ୍ପର ହୋଇଥିବା ବେଳେ ଜାଗୃତି ଅୱସ୍ତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଅଙ୍କିତା ଜୈନ ତୃତୀୟ ସ୍ଥାନରେ ରହିଛନ୍ତି । ଶୁଭମ ଆଇଆଇଟି ବମ୍ବେରୁ ସିଭିଲି ଇଞ୍ଜିନିୟରିଂରେ ପାଠ୍ୟକ୍ରମ ଶେଷ କରିଥିବା ବେଳେ ଜାଗୃତି ଭୋପାଳ ଏମଏଏନଆଇଟିରୁ ଇଲେକଟ୍ରିକାଲ ଇଞ୍ଜିନିୟରିଂରେ ପାଠପଢା ଶେଷ କରିଛନ୍ତି । ଚଳିତ ଥର ମୋଟ ୭୬୧ ଜଣ ଛାତ୍ରଛାତ୍ରୀ ୟୁପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ଟପ୍-୨୫ ମଧ୍ୟରେ ୧୩ ଜଣ ଛାତ୍ର ଓ ୧୨ ଛାତ୍ରୀ ରହିଛନ୍ତି । ମୋଟ ୧୮୦ ଜଣ ଆଇଏଏସ ପାଇଁ କୃତକାର୍ଯ୍ୟ ହୋଇଥିବା ବେଳେ ୨୦୦ ଜଣ ଛାତ୍ରଛାତ୍ରୀ ଆଇପିଏସ ପାଇଁ କୃତକାର୍ଯ୍ୟ ହୋଇଛନ୍ତି ।

# କମଳା ହାରିସଙ୍କୁ ଭେଟିଲେ ମୋଦୀ



ନୂଆଦିଲ୍ଲୀ,୨୪/୦୯: ତିନିଦିନିଆ ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନିଜର ଏହି ଆମେରିକା ଯାତ୍ରାରେ ପ୍ରଧାନମନ୍ତ୍ରୀ ଆମେରିକା ଉପ-ରାଷ୍ଟ୍ରପତି କମଳା ହାରିସଙ୍କୁ ଭେଟିଛନ୍ତି । ଯେଉଁଠି ଆମେରିକା- ଭାରତ ସମ୍ପର୍କ ନେଇ ଆଲୋଚନା କରିଛନ୍ତି ଉଭୟ ରାଷ୍ଟ୍ରନେତା । କମଳା ହାରିସ୍ଙ୍କ ବ୍ୟତିତ ଅଷ୍ଟ୍ରେଲିଆ ଓ ଜାପାନ୍ ପ୍ରଧାନମନ୍ତ୍ରୀଙ୍କ ସହ ମଧ୍ୟ ସାକ୍ଷାତ୍ କରିଛନ୍ତି ମୋଦି । ସମ୍ଭିଙ୍କୁ ସାକ୍ଷାତ୍ବେଳେ ସ୍ୱତନ୍ତ୍ର ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ହ୍ୱାଇଟ ହାଉସରେ ଆମେରିକାର ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଥମ ଥର ପାଇଁ କୌଣସି ଭାରତୀୟ ବଂଶୋଦ୍ଭବ ଉପ-ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱି-ପାକ୍ଷିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । କମଳା ହାରିଶ ▶▶ପୃଷ୍ଠା ୭

# ସ୍କୁଲ ଖୋଲିବା ନେଇ କିଛି ନିଷ୍ପତ୍ତି ନିଆଯାଇନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ରାଜ୍ୟରେ ସ୍କୁଲ ଖୋଲିବା ନେଇ ବର୍ତ୍ତମାନ ସୁଦ୍ଧା କିଛି ନିଷ୍ପତି ନିଆଯାଇନାହିଁ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଶ୍ରୀ ଦାଶ କହିଛନ୍ତି ଯେ ପୂଜା ସାରିବା ପରେ ସ୍କୁଲ ଖୋଲିବା ନେଇ ଆଲୋଚନା ହେବ । ସରକାର ବିଦ୍ୟାଳୟ ଖୋଲିବା ଉପରେ ଯେବେ ଯାହା ନିଷ୍ପତି ନେବେ ଗଣମାଧ୍ୟମକୁ ଜଣାଇ ଦିଆଯିବ। ସେ କହିଛନ୍ତି ଯେ ଏକାଦଶ ଶ୍ରେଣୀ ଖୋଲିବା ନେଇ ମନ୍ତ୍ରୀ କହିଛନ୍ତି ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିବା ପରେ ଏ ସଂକ୍ରାନ୍ତରେ ନିଷ୍ପତି ନିଆଯିବ ।

# ହିମାଚଳପ୍ରଦେଶରେ ବର୍ଷା ବିପ୍ୟାତ : ୨୪ ଘଣ୍ଟାରେ ୧୦ ମୃତ



ନୂଆଦିଲ୍ଲୀ,୨୪/୦୯: ହିମାଚଳପ୍ରଦେଶରେ ଜାରି ରହିଛି ବର୍ଷା ବିପ୍ୟାତ । ଫଳରେ ଗତ ୨୪ ଘଣ୍ଟାରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।ଏହା ପ୍ରବଳ ବର୍ଷାରେ ପାହାଡ ଧସିବା ଯୋଗୁଁ ହୋଇଥିବା ଜଣାପଡିଛି । ଏହାସହ ଅନେକ ଘର ମଧ୍ୟ ଭୁଷୁଡିଯାଇଛି । ରାଜ୍ୟର ୧୩୨ ସଡକକୁ ବନ୍ଦ କରାଯାଇଛି । ଏହାକୁ ମିଶାଇ ଚଳିତ ବର୍ଷ ବର୍ଷା ଯୋଗୁଁ ୧୩୦ ଦିନରେ ୪୩୨ ଜଣଙ୍କ ମୃତ୍ୟୁ ହୋଇଥିବା ବିପର୍ଯ୍ୟୟ ପ୍ରବନ୍ଧନ ମନ୍ତ୍ରାଳୟ ସୂଚନା ଦେଇଛି । ଚଳିତ ବର୍ଷ ବର୍ଷା ଯୋଗୁଁ ରାଜ୍ୟରେ ୧,୧୦୮ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । କୃଷି କ୍ଷେତ୍ରରେ ୭୪୫ କୋଟି ଟଙ୍କାର କ୍ଷତି ହୋଇଛି । ୧୨ଜଣ ଏଯାଏଁ ନିଖୋଜ ଥିବାବେଳେ ୭୦୦ ଗୋଶାଳା ଓ ୮୫୭ ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ହୋମଗାର୍ଡ କାର୍ଯ୍ୟାଳୟ ନିକଟରେ ଏବଂ ସିମଲାରେ ମାଟି ଧସିବାରୁ ରାସ୍ତା ନିଶ୍ଚିହ୍ନ ହୋଇଯାଇଛି । ଫଳରେ ଯାତାୟାତ ବ୍ୟାହତ ହୋଇଛି ।

# ୨୭ରେ ଭାରତ ବନ୍ଦ: ଓଏଏସ୍ ପରୀକ୍ଷା ଘୁଂଚିଲା

ଭୁବନେଶ୍ୱର,୨୪/୦୯(ନି.ପ୍ର): ଆସନ୍ତା ୨୭ତାରିଖରେ କୃଷକ ସଂଗଠନ ଦ୍ୱାରା 'ଭାରତ ବନ୍ଦ' ଡାକରାକୁ କଂଗ୍ରେସ ସମେତ ୭ଟି ରାଜନୀତିକ ଦଳର ସମର୍ଥନକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଜି ସରକାରୀ କର୍ମଚାରୀଙ୍କ ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି। ଏହାସହିତ ବନ୍ଦକୁ ଦୃଷ୍ଟିରେ ରଖି ଲୋକସେବା ଆୟୋଗଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ର ପର୍ସନାଲିଟି ଟେଷ୍ଟକୁ ଆସନ୍ତା ଅକ୍ଟୋବର ୫ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଆସନ୍ତା ସୋମବାର ୨୭ରେ ଭାରତ ବନ୍ଦ ପାଇଁ ସର୍ତକର୍ତାମୂଳକ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରେ ଥିବା ବିଭିନ୍ନ ବିଭାଗୀୟ ମୁଖ୍ୟ ଦପ୍ତର, ଖାରବେଳ ଭବନ, ଲୋକସେବା ଭବନ, ରାଜୀବ ଭବନ ଆଦିରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୨୭ତାରିଖ ସକାଳ ସାଢ଼େ ▶▶ପୃଷ୍ଠା ୭

# ୨ ଝିଅଙ୍କୁ ବିଷ ଦେଇ ନିଜେ ବିଷ ପିଇଦେଲା ମାଆ

ଭୁବନେଶ୍ୱର,୨୪/୦୯(ନି.ପ୍ର): ଆର୍ଥିକ ଅନାଟନ ଭିତରେ ଜଣେ ମାଆ ନେଇଛି ଚରମ ନିଷ୍ପତ୍ତି । ନିଜେ ବିଷ ପିଇବା ସହ ଦୁଇ ଝିଅଙ୍କୁ ବିଷ ପିଆଇ ଦେଇଛି ମାଆ ଆଉ ଜୀବନ ଯନ୍ତ୍ରଣା ଭିତରେ ମା'ର ମୃତ୍ୟୁ ହୋଇଥିବା ବେଳେ ଦୁଇ କୁନି ଝିଅ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୟୂରଭଞ୍ଜ ଜିଲ୍ଲା ଶରତ ଥାନାରୁ ଆସିଛି ଏଭଳି ଅଭାବନୀୟ ଘଟଣା । ତେବେ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି ଦୁଇ କୁନି ଝିଅ । ଆଉ ଏହି ନିଷ୍ପାପ ଶିଶୁଙ୍କୁ ତାଙ୍କ ଜନ୍ମକଲା ମାଆ ବିଷ ପିଆଇ ଦେଇଛି ଆଉ ନିଜେ ବିଷ ପିଇ ମୃତ୍ୟୁ ବରଣ କରିଛି । ଆର୍ଥିକ ଅନଟନ ଭିତରେ ଝିଅଙ୍କ ମୁହଁରେ ଦାନା ଦେଇ ନପାରି ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ଲାବଣ୍ୟଦେଇପୁର ଗାଁର ପୂର୍ଣ୍ଣିମା ସିଂ । ପୂର୍ଣ୍ଣିମାଙ୍କ ସ୍ୱାମୀ ଗୁଜୁରାଟରେ ଦାଦନ ଖଟି ପରିବାର ଚଳାଉଥିଲେ । ହେଲେ ସେ ଏବେ କରୋନା ଯୋଗୁଁ ଘରକୁ ଫେରି ଆସିଛନ୍ତି । ଗାଁରେ ବି କାମ ଧନ୍ଦା ନାହିଁ । ତେଣୁ ଆର୍ଥିକ ଅନଟନ ଲାଗି ରହିଛି, ପିଲାଙ୍କୁ ଦାନା ଗଣ୍ଡାଏ ଦେବା ▶▶ପୃଷ୍ଠା ୭

# ବଙ୍ଗୋପସାଗରରେ ଲଘୁଚାପ : ଆଜିଠୁ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୪/୦୯ (ନି.ପ୍ର): ମିଆଁମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଏକ ଲଘୁଚାପରେ ପରିଣତ ହୋଇଛି । ଏହି ଲଘୁଚାପ କ୍ଷେତ୍ର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିଛି ଓ ଉତର-ପଶ୍ଚିମ ଦିଗରେ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୫ରୁ ୨୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶା, ପଶ୍ଚିମବଙ୍ଗ, ଉତର-ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ୨୫ ଓ ୨୬ ତାରିଖରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ସେପ୍ଟେମ୍ବର ୨୫ରୁ ୨୬ ତାରିଖ ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ପୁରୀ , ଖୋର୍ଦ୍ଧା, ଗଂଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ କଟକ , ଜଗତସିଂହପୁର , କେନ୍ଦ୍ରାପଡା, ନୟାଗଡ, ମାଲକାନଗିରି, କୋରାପୁଟ, ବୌଦ୍ଧ, ନବରଙ୍ଗପୁ, ରାୟଗଡଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ଖୋର୍ଦ୍ଧା ଜିଲ୍ଲା କୋର୍ଟ କଂପ୍ଲେକ୍ସ ୩ ଦିନ ପାଇଁ ସିଲ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଜଜ୍ କୋର୍ଟ କଂପ୍ଲେକ୍ସକୁ ୩ ଦିନ ପାଇଁ ଅର୍ଥାତ ୨୪ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସିଲ କରିଦିଆଯାଇଛି । ଗତକାଲି ୧୫ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହେବା ପରେ ସଂକ୍ରମଣକୁ ଦୃଷ୍ଟିରେ ରଖି ସିଲ୍ କରାଯାଇଥିବା ସୂଚନା ଦେଇଛନ୍ତି ବିଏମସି ପକ୍ଷରୁ ସୂଚନା ଦିଆ ଯାଇଛି । ବିଏମସିର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି ଯେ ଏହି ତିନିଦିନରେ କୋର୍ଟ ସଂପ୍ଲେକ୍ସ ବନ୍ଦ ରହିବା ସହ ସଂପୂର୍ଣ୍ଣ ପରିସରକୁ ସାନିଟାଇଜ କରାଯିବ । ସେହିପରି ପଜିଟିଭ ଚିହ୍ନଟ ହୋଇଥିବା କର୍ମଚାରୀମାନଙ୍କୁ ନିଜ ନିଜ ଘରେ ଏକାନ୍ତବାସରେ ରହି ଚିକିତ୍ସିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ କର୍ମଚାରୀମାନେ ଡାକ୍ତରୀ ସହାୟତା ଆବଶ୍ୟକ କରିବେ ସେମାନଙ୍କ ବିଭାଗୀୟ ମୁଖ୍ୟମାନେ ତୁରନ୍ତ ଏ ସଂପର୍କରେ ବିଏମସିକୁ ଜଣାଇବେ ବୋଲି ମଧ୍ୟ କୁହାଯାଇଛି । ଅପରପକ୍ଷରେ ଅନ୍ୟ କର୍ମଚାରୀମାନଙ୍କ ଶରୀରରେ ଯଦି କୌଣସି ଲକ୍ଷଣ ଦେଖାଯାଉଥାଏ, ବିଭାଗୀୟ ମୁଖ୍ୟମାନେ ଏ ସଂପର୍କରେ ମଧ୍ୟ ବିଏମସିକୁ ଜଣାଇବେ ବୋଲି ବିଏମସି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି । ଆସନ୍ତା ୨୭ ତାରିଖରେ କୋର୍ଟ ପରିସର ଖୋଲିବା ପରେ ସେଠାରେ ଏକ ଆରଟିପିସିଆର ପରୀକ୍ଷା ଶିବିର କରାଯାଇ ସବୁ ଅଧିକାରୀ ଓ କର୍ମଚାରୀଙ୍କ ପରୀକ୍ଷା କରାଯିବ ବୋଲି ବିଏମସି ପକ୍ଷରୁ କୁହା ଯାଇଛି ।

# ଦୁଇ ମହିଳା ମହାସଂଘ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ସଂଖ୍ୟାଧିକ ସଦସ୍ୟା



ଭଦ୍ରକ,୨୪/୯ (ନି.ପ୍ର): ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କୁ ନେଇ ଗଠିତ ମହାସଂଘର ସଭାନେତ୍ରୀ ଓ ସଂପାଦିକାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି ବହୁ ମହିଳା ଗୋଷ୍ଠିର ସଦସ୍ୟା। ସେମାନେ ବ୍ୟାପକ ଆର୍ଥୀକ ଅନିୟମିତତା କରିବା ସହ ସିଆରପି, ବ୍ୟାଙ୍କ ମିତ୍ର ଓ ଏମବିକେ ନିଯୁକ୍ତିରେ ହେରଫେର କରିଥିବାର ଅଭିଯୋଗ ଆଣି ମାଳତୀ ବିଶ୍ୱାଳ, ପ୍ରମିଳା ବିଶ୍ୱାଳ, ମାନସୀ ପ୍ରଧାନ, ଜାନକୀ ଦାସ, ଆଦର୍ଶରାଣୀ ସାହୁଙ୍କ ସମେତ ବହୁ ମହିଳା ସଦସ୍ୟା ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉଭୟ ସଭାନେତ୍ରୀ ଓ ସଂପାଦିକାଙ୍କୁ ବହିଷ୍କାର ପାଇଁ ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ସରକାରଙ୍କ ପକ୍ଷରୁ ମହାସଂଘକୁ ଆସୁଥିବା ଅର୍ଥର ବ୍ୟାପକ ବାଟ ମାରଣା ହୋଇଛି। କୋଭିଡର ପ୍ରଥମ ଲହର ସମୟରେ ଉକ୍ତ ଅଞ୍ଚଳର ଗରିବ, ଅସହାୟ, ନିରାଶ୍ରୟ, ଶାରିରିକ ଅକ୍ଷମମାନଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ଦେବାକୁ ନିର୍ଦ୍ଦେଶ ଦେଇ ଥିବାବେଳେ, ଏହି ଦୁଇ ଜଣ ସରପଞ୍ଚ ଓ ମିଶନ ଶକ୍ତି ଅଧିକାରୀଙ୍କ ସହ ମିଶି ଅଳ୍ପ କିଛି ଦିନ ଖାଦ୍ୟ ବଣ୍ଟନ କରି ଜାଲ ବିଲ କରିଛନ୍ତି। ସେହିପରି ମିଶନ ଶକ୍ତି ଜରିଆରେ ଆସିଥିବା ଅର୍ଥକୁ ଜାଲ ଦସ୍ତଖତ ବଳରେ ବେଆଇନ ଭାବେ ଉଠାଇ ଏହାକୁ ତୋଷରପାତ କରିଛନ୍ତି। ଅନୁରୂପ ସମସ୍ତ ସରକାରୀ ନିୟମକୁ ଉଲଂଘନ କରି ବିନା ବିଜ୍ଞାପନରେ ସରପଞ୍ଚ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଧରି ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ, ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଫଳରେ ସଂଘମାନଙ୍କରେ ଥିବା ୧ହଜାରରୁ ଉର୍ଦ୍ଧ୍ୱ ସଦସ୍ୟା ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇ ପାରି ନାହାନ୍ତି। ଏସମସ୍ତ ଅଭିଯୋଗର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।। ଅନୁରୂପ ଅଭିଯୋଗ ନେଇ ଧାମନଗର ବ୍ଲକ ବୟାଙ୍ଗଡିହ ପଞ୍ଚାୟତରେ ଥିବା ବହୁ ମହିଳା ସ୍ୱୟଂ ସାହାୟିକା ଗୋଷ୍ଠିର ସଦସ୍ୟାମାନେ ଜିଲ୍ଲାପାଳଙ୍କ ନିକଟାର ଫେରାଦ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସଂଘର ସଦସ୍ୟା ମମତା ମଲିକ, ଆବେଜା ବିବି, ସମିରନ ବିବି, ଶ୍ୱେତଲତା ଜେନା, ସାବିତ୍ରୀ ଯେନାଙ୍କ ସମେତ ବହୁ ସଦସ୍ୟାଙ୍କ ଅଭିଯୋଗ ଅନୁଯାୟୀ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ନିଯୁକ୍ତିରେ ବ୍ୟାପକ ଅନିୟମିତତା କରାଯାଇଛି। ଶିକ୍ଷାଗତ ଯୋଗତ୍ୟା ନଥାଇ ମଧ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପାଇଥିବା ସଦସ୍ୟମାନେ ଜାଲ କାଗଜପତ୍ର ବ୍ୟବହାର କରିଥିବା ସୂଚନା ଅଧିକାର ଆଇନରୁ ସ୍ପଷ୍ଟ ହୋଇଥିବା ସେମାନେ ଦର୍ଶାଇଛନ୍ତି। ଏପରିକି ମହାସଂଘର ସଂପାଦିକା ଥାଇ ମଧ କିପରି ସେ ସିଆରପି ନିଯୁକ୍ତି ପାଇଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। କୋଭିଡ ସମୟରେ ମଧ ସରକାରଙ୍କ ଅର୍ଥକୁ ବେଆଇନ ଭାବେ ଖର୍ଚ୍ଚ କରି ମିଥ୍ୟା ବିଲ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

# ମଦନପୁର ଖଣି ଦୁର୍ନୀତିରେ ତଥ୍ୟ ଦେବାକୁ ପୁଣି ତିନି ସପ୍ତାହ ସମୟ ନେଲେ ପ୍ରଶାସନ

କେନ୍ଦୁଝର, ୨୩ ସେପ୍ଟେମ୍ବର (ହି.ସ.) - କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡର ଘଷିପୁରା ତହସିଲ ଅନ୍ତର୍ଗତ ମଦନପୁର ଗ୍ରାମରେ ହୋଇଥିବା ମାଙ୍କଡାପଥର ଚୋରା ଖଣି କାରବାର ଘଟଣାର ସବିଶେଷ ତଥ୍ୟ ରଖିବାକୁ ପୁଣି ଥରେ ପ୍ରଶାସନ ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବୁନାଲ ଆଗରେ ତିନି ସପ୍ତାହ ମହଲତ ମଗାଯାଇଛି । ଅଦ୍ୟାବଧି ନିର୍ଦ୍ଧାରିତ ପରିବେଶୀୟ କ୍ଷୟକ୍ଷତି ବାବଦକୁ ୭ କୋଟି ୩୦ ଲକ୍ଷ ଟଙ୍କା ଖଣିଚୋରଙ୍କ ଠାରୁ ଆଦାୟ ହୋଇନଥିବା ବେଳେ ଉକ୍ତ ସ୍ଥାନର ପୂର୍ବାବସ୍ଥା ଫେରାଇ ଆଣିବା ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କାରଣରୁ ଆବେଦନକାରୀଙ୍କ ପାଇଁ ଲଢୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଉଦବେଗ ପ୍ରକାଶ କରିଛନ୍ତି। ଉକ୍ତ ସ୍ଥାନରେ ଦୀର୍ଘ ୨୦ ବର୍ଷ ହେଲା ବେଆଇନ ଖଣି କାରବାର ହୋଇଆସୁଥିଲା । ଏଣୁ ବେଆଇନ ଖଣି ଖନନକାରୀ ଙ୍କୁ ଚିହ୍ନଟ ପାଇଁ ସମୟ ଲାଗୁଛି । ତେବେ ଆନନ୍ଦପୁର ଏସଡିପିଓ ଦେଇଥିବା ସତ୍ୟପାଠରେ ପେଟ୍ରୋଲିଂ ସମୟରେ ତଥା ପୋଲିସ ଓ ତହସିଲ ଯୁଗ୍ମ ଯାଂଚ ବେଳେ ବେଆଇନ ଖନନକାରୀ ଙ୍କ ଠାରୁ ୫ ଲକ୍ଷ ୫୫ ହଜାର ୮୦୪ ଟଙ୍କା ଫାଇନ ଆଦାୟ କରାଯାଇଛି । ୨୯ ସପ୍ଟେମ୍ବର ୨୦୧୯, ୩୦ ଡିସେମ୍ବର ୨୦୧୯, ୭, ୮, ୧୧ ଓ ୧୨ ଜାନୁୟାରୀ ୨୦୨୦ ରେ ସେମାନଙ୍କ ବିରୁଦ୍ଧରେ କେସ ରୁଜୁ ହୋଇଛି। ତେବେ ଦୁଇ ବର୍ଷ ପରେ ମଧ୍ୟ ବେଆଇନ ଖନନକାରୀଙ୍କ ଠାରୁ କ୍ଷୟକ୍ଷତି ବାବଦକୁ ଅର୍ଥ ଆଦାୟ ହୋଇ ପାରିନଥିବା କାରଣରୁ ରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ସ୍ଥାନର ସ୍ଥିତାବସ୍ଥା ଫେରାଇ ଅଣାଯାଇଥିବା ବେଳେ ଅତିରିକ୍ତ ବନ ସଂରକ୍ଷକ, ଦେଇଥିବା ସତ୍ୟପାଠରେ ୨୬ ଜୁଲାଇ ୨୦୨୧ ରେ ଉକ୍ତ ସ୍ଥାନରୁ ଉଠାଯାଇଥିବା ଫୋଟ ଟ୍ରିବୁନାଲ ଆଗରେ ଉପସ୍ଥାପନ କରିଛନ୍ତି। କିନ୍ତୁ ଏ ନେଇ କୌଣସି ରେକର୍ଡ ଟ୍ରିବୁନାଲ ଆଗରେ ଉପସ୍ଥାପନ ହୋଇନଥିବା ଆଇନଜୀବୀ ଶ୍ରୀ ପାଣି ଅଭିଯୋଗ କରିଛନ୍ତି। ଏ ନେଇ ସମାପିକା ମିଶ୍ର, ପ୍ରଶାସନ ପକ୍ଷରୁ ଲଢୁଥିବା ଆଇନଜୀବୀ ପୁଣି ଥରେ ସମସ୍ତ ତଥ୍ୟ ଦାଖଲ ପାଇଁ ତିନି ସପ୍ତାହ ସମୟ ମାଗିବା ପରେ ଟ୍ରିବୁନାଲ ଆଗାମୀ ଶୁଣାଣୀ ତାରିଖ ୧୭ ନଭେମ୍ବର ୨୦୨୧ କୁ ରଖିଥିବା ବେଳେ ଉକ୍ତ ତାରିଖର ଏକ ସପ୍ତାହ ପୂର୍ବରୁ ସମସ୍ତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଆଦେଶ କରିଛନ୍ତି।

# ପିପିଲି ଉପ ନିର୍ବାଚନ ନିମନ୍ତେ ପୋଷ୍ଟାଲ ବାଲାଟ ଗାଡି ଶୁଭାରମ୍ଭ

ପୁରୀ,୨୪/୯ (ନି.ପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ପିପିଲି ବିଧାନସଭା ଉପ ନିର୍ବାଚନ ନିମନ୍ତେ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟର ମାନଙ୍କ ପାଇଁ ପୋଷ୍ଟାଲ ବାଲାଟର ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ପତାକା ଦେଖାଇ ପୋଷ୍ଟାଲ ବାଲାଟ ଗାଡିର ଶୁଭାରମ୍ଭ କରିଛନ୍ତି । ପୋଲିଂ ଅଧିକାରୀ ମାନେ ସେମାନଙ୍କ ଘରକୁ ଯାଇ ମତଦାନ କରାଇବେ । ଡେଲାଙ୍ଗ ବ୍ଲକର ୭୧୨ ଓ ପିପିଲି ବ୍ଲକର ୩୬୫ ଏହିପରି ମୋଟ୍ ୧୦୭୭ ଜଣ ମତଦାନ ସାବ୍ୟସ୍ତ କରିବେ । ଡେଲାଙ୍ଗ ବ୍ଲକରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୬୧୪ ଏବଂ ଦିବ୍ୟାଙ୍ଗ ୯୮ ଜଣ ଏବଂ ପିପିଲିର ୨୯୫ ଜଣ ବରିଷ୍ଠ ନାଗରିକ ଓ ୭୦ ଜଣ ଦିବ୍ୟାଙ୍ଗ ସାମିଲ ଅଛନ୍ତି । ପୂର୍ବରୁ ଏମାନଙ୍କ ମଧ୍ୟରୁ ଗତ ମଇ ୩ ତାରିଖରେ ପୋଷ୍ଟାଲ ବାଲଟ ମାଧ୍ୟମରେ ପିପିଲିର ୬୩ ଓ ଡେଲାଙ୍ଗର ୭୫ ଜଣ ମୋଟ୍ ୧୩୮ ଜଣଙ୍କ ଠାରୁ ମତଦାନ ନିଆଯାଇ ସରିଛି । ଏଥିନିମନ୍ତେ ୭ଟି ଗାଡି ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଟିମରେ ୨ ଜଣ ପୋଲିଂ ଅଧିକାରୀ, ମାଇକ୍ରୋ ଅବଜରଭର, ପୁଲିସ ଓ ଭିଡିଓଗ୍ରାଫରଙ୍କୁ ମିଶାଇ ୫ ଜଣ ସାମିଲ ରହିବେ । ବୁଥ ସ୍ତରୀୟ ଅଧିକାରୀ ମାନେ ଏଥିନିମନ୍ତେ ସହଯୋଗ କରିବେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ତହସିଲଦାର ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ର, ପୋଲିଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀରେ ଗାଧୋଇବାକୁ ଯାଇ ନାବାଳକ ବୁଡି ମୃତ୍ୟୁ

ନୂଆପଡା,୨୪/୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା କୋଟିପଦର ଗ୍ରାମର ୧୬ ବର୍ଷର ନାବାଳକ ତିରମ ପଟେଲ ଆଜି ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ଖଡ଼ିଆଳ ଦମକଳ ବାହୀନି ଯୁବକଙ୍କ ଶବକୁ ଉଦ୍ଧାର କରି ଖଡ଼ିଆଳ ହସ୍ପିଟାଲରେ ଭର୍ତି କରିଥିଲେ । ଖଡ଼ିଆଳ ହସ୍ପିଟାଲରେ ଯୁବକଙ୍କୁ ମୃତ୍ୟୁ ଘୋଷଣ କରିଛନ୍ତି। କୋଟିପଦର ଗ୍ରାମରୁ ପଦ୍ମପୁର ଗ୍ରାମକୁ ଗଲା ବେଳେ ବାଟରେ ଏକ ପୋଖରୀ ପଡିଥାଏ। ସେହି ପୋଖରୀକୁ ତିରମ ଗାଧୋଇବାକୁ ଯାଇଥିଲେ। ସେଟଗାଁରେ ଜଳରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡେ। ଖଡ଼ିଆଳ ପୋଲିସ ଶବ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଖଡ଼ିଆଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠି ପ୍ରକାଶ କରିଛନ୍ତି ।

# ଦୁର୍ଗା ମତ୍ସ୍ୟ ସମବାୟ ସମିତି ସଂପାଦକଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା,୨୪/୯ (ନି.ପ୍ର): କେନ୍ଦ୍ରାଡା ଜିଲ୍ଲା ରାଜନଗର ବ୍ଲକ ଅଧିନ ଜୟଦୁର୍ଗା ମତ୍ସ୍ୟ ସମବାୟ ସମିତି ର ସଭ୍ୟସଭ୍ୟା ମାନେ ସଂପାଦକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣାରେ ବସିଥିବା ଜଣାପଡିଛି। ଅଭିଯୋଗ ମୁତାବକ ୨ ବର୍ଷ ପୂର୍ବରୁ ସମିତି ଦ୍ୱାରା ଗଠିତ ବୋର୍ଡର କାର୍ଯ୍ୟକାଳ ଶେଷ ହୋଇ ସାରିଥିଲେ ମଧ ସମିତିର ସଂପାଦକ ମନମୁଖୀ ଭାବେ କାର୍ଯ୍ୟକରି ସଭ୍ୟ ସଭ୍ୟା ମାନଙ୍କ ଅଗୋଚର ରେ ରାଜନଗର ତହସିଲରୁ ଜୋର, ମତ୍ସ୍ୟଦିଆ ଓ ରାଜନଗର ଠାରୁ ପ୍ରହରାଜପୁର ପର୍ଯ୍ୟନ୍ତ ନଦୀପଠାକୁ ସମିତି ନାମରେ ନିଲାମ ନେଇ ନିଜର ଆତ୍ମୀୟ ସ୍ୱଜନ ମାନଙ୍କୁ ବଣ୍ଟନ କରିଛନ୍ତି । ଏହା ସହ ଅନ୍ୟ କେତେକ ନଦୀ ପଠାକୁ ସବ୍ ଲିଜ ଆକାରରେ ଅନ୍ୟ ମାନଙ୍କୁ ପ୍ରଦାନ କରିଥିବା ସହିତ ସମିତିର ଆୟବ୍ୟୟ ନଦେଇ ମନଇଛା ଆର୍ଥିକ କାରବାର କରୁଥିବା ସଭ୍ୟସଭ୍ୟା ମାନେ ଅଭିଯୋଗ କରି ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର ଓ ସହ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ ଧାରଣାକାରୀଙ୍କ ସହିତ ଆଲୋଚନା କରି ୮ ଦିନ ଭିତରେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶୃତି ଦେବାପରେ ଧାରଣାରୁ ଉଠିଥିଲେ । ଏହି ଆଲୋଚନା ସମୟରେ ଧାରଣାରେ ଅଲେଖ ଚନ୍ଦ୍ର ଦାସ, ଅକ୍ଷୟ ସେଠୀ, ସୁକଦେବ ସେଠୀ, ଭରତ ସେଠୀ, ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆକାଶବାଣୀ କେନ୍ଦ୍ରର ଉପ ମହାନିର୍ଦ୍ଦେଶକଙ୍କ ଜୟପୁର ଗସ୍ତ

ଜୟପୁର ,୨୪/୯ (ନି.ପ୍ର): ଆକାଶବାଣୀ କେନ୍ଦ୍ରର ଉପ ମହାନିର୍ଦ୍ଦେଶକ ସୁଧାଂଶୁ ରଞ୍ଜନଙ୍କ କୋରାପୁଟ ଜିଲା ଗସ୍ତ । ଏହି ଆବସରରେ ସେ ଜୟପୁର ଆକାଶବାଣି କେନ୍ଦ୍ରର ସ୍ଥିତି ସମିକ୍ଷା କରିବା ସହିତ କାଯ୍ୟକ୍ରମ କିପରି ଅଧିକା ଲୋକାଭିମୁଖି ଓ ଶ୍ରୋତାଙ୍କ ଗ୍ରହଣିୟ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ଆକାଶବାଣି କେନ୍ଦ୍ରର ଷ୍ଟେସନ ହେଡ ଗୌର ଚନ୍ଦ୍ର ତ୍ରିପାଠି ଓ କର୍ମଚାରି ଙ୍କ ସହ ବିଭିନ୍ନ ଦିଗ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି । ଆଜି ବି ଉପାନ୍ତ ଅଂଚଳରେ ରେଡିଓ ଲୋକଙ୍କ ମନରଞ୍ଜନ ଓ ସୁଚନାର ମାଧ୍ୟମ ପାଲଟିଛି । ସେ ପଟେ ଲୋକଙ୍କୁ ଆକୃଷ୍ଟ କରିବା ଆଗକୁ ଭଲ ବଳ କାଯ୍ୟକ୍ରମ ପ୍ରଶାରଣ ହୋଇ ପାରିବ ଓ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ଆକାଶବାଣିର ଉପ ମହାନିଦ୍ଦେଷକ ସୁଧାଂଶୁ ରଞ୍ଜନ। ଏହା ସହ ଉପ ନିଦ୍ଦେଷକ ଜୟପୁର ଆକାଶ ବାଣି କେନ୍ଦ୍ରସ ସୁବିଧା ଅସୁବିଧା ମଧ ପଚାରି ବୁଝିଥିଲେ। ଜୟପୁର ଆକାଶପାଣି କେନ୍ଦ୍ରର ଷ୍ଟେସନ ହେଡ ଗୌର ଚନ୍ଦ୍ର ତ୍ରିପାଠି ମଧ କେନ୍ଦ୍ର ସବିଧା ଆସୁବିଧା ସମସ୍ୟା ଉପସ୍ଥାପନା କରିବା ସହ କର୍ମଚାରି ନିଯୁକ୍ତି କରିବାକୁ ଦାବି ରଖିଥିଲେ ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ରାୟ

## ୩ ଯୁବକଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ଅର୍ଥ ଜୋରିମାନାରେ ଦଣ୍ଡିତ

ଜୟପୁର ,୨୪/୯ (ନି.ପ୍ର): ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା ର ରାୟ ଶୁଣାଣି ହୋଇଛି । ଜଜ ପ୍ରଦିପ କୁମାର ସାସମଲ ରାୟର ଶୁଣାଣି କରିଛନ୍ତି । ଦଣ୍ଡିତ ଯୁବକ ମାନେ ହେଲେ କୋଟପାଡ ଥାନା ଅନ୍ତର୍ଗତ ବେଣ୍ଟାଗୁଡାର ସାନ ମାଝୀ, ପେଣ୍ଟାଗୁଡାର ଯୁଧିଷ୍ଠି ପୁଜାରୀ, ମେଂଟାଗୁଡାର ସନପତି ଭତ୍ରା । ୩ ଅଭିଯୁକ୍ତ ପ୍ରତ୍ୟେକ କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ ସହ ୨୫ ହଜାର ଟଙ୍କା ଲେଖାଏ ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୧୫ ମାସ ଜଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ସ୍ୱଷ୍ଟ କରିଛନ୍ତି । ମାମଲା ବିବରଣିରୁ ପ୍ରକାଶ ଯେ କୋଟପାଡ ଥାନା ଅନ୍ତର୍ଗତ ନୁଆଗଡର ୩ ଜଣ ନାବାଳିକା ଶ୍ରମିକ କାମ କରି ଫେରୁଥିଲେ । ଗତ ୪.୨.୨୦୧୫ରେ ନୁଆଗଡର ପଖୋରି ନିକଟରେ ୩ ଜଣ ଯୁବକ ଏକ କାରରେ ଆସି ୨ ଜଣ ନାବାଳିକାକୁ ଠେଲି ଦେଇ ଜଣେ ନାବାଳିକା ଅପହରଣ କରି ନେଇଥିଲେ । ଏକ ଭାଲିଆ ବାଡକୁ ନେଇ ଅଭିଯୁକ୍ତ ସାନ ମାଝି ବଳାତ୍କାର କରିଥିଲେ । ଅନ୍ୟ ୨ ଜଣ ସାଙ୍ଗର ଉପସ୍ଥିତିରେ ବଳାତ୍କାର କରିଥିଲେ । ଏନେଇ ନାବାଳିକାର ଭାଇ କୋଟପାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ କୋଟପାଡ ପୋଲିସ ମାମଲା ରୁଜୁ କରି ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୧୪ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣ କୁ ଭିତି କରି ଜଜ ଏହି ରାୟର ଶୁଣାଣି କରିଛନ୍ତି । କୋର୍ଟ ଯେଉଁ ଆର୍ଥିକ ଜୋରିମାନା କରିଛନ୍ତି ଅଭିଯୁକ୍ତ ମାନେ ପୈଠ କରିବା ପରେ ପିଡିତା ନାବାଳିକାକୁ ପ୍ରଦାନ କରାଯିବ ବୋଲି କୋର୍ଟ ସୁତ୍ରରୁ ସୁଚନା ଦିଆଯାଇଛି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସୁଧର ତ୍ରିପାଠି ପରିଚାଳନା କରିଥିଲେ ।

# କୃଷି ଯନ୍ତ୍ରପାତି ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୪/୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଜଜାଙ୍ଗ ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ଯନ୍ତ୍ରପାତି ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପେଟ୍ରୋଲିୟମ କନଜରଭେସନ ରିର୍ସଚ ଆସୋସିଏସନ ପକ୍ଷରୁ କୃଷି ଯନ୍ତ୍ରପାତି ପରିଚାଳନାରେ ଇନ୍ଧନ ସଂଚୟ କରାଯାଇ ପାରିବ ଓ ଅପଚୟ ରୋକାଯାଇ ପାରିବ ସେ ସମ୍ବନ୍ଧରେ ଚାଷି ମାନଙ୍କ ମାଧରେ ସେଚତନତା ସୃଷ୍ଟି କରିବା ପାଇଁ ଏକ ଶିବିରର ଆୟୋଜନ କରା ଯାଇଥିଲା । ଏଥିରେ ୩୦ ଜଣ ଚାଷୀ ଅଂଶ ଗ୍ରହଣ କରିଥିଲେ। ଏହା ସହ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ପ୍ରଦର୍ଶନୀ ବୁଲିବା ସହିତ ଚାଷିମାନେ ଚାରା, ଆଜୋଲା, କୁକୁଡା ଛୁଆ କ୍ରୟ କରି ନେଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନହାରାୟଣ ମିଶ୍ର, ନମିତା ମହାପାତ୍ର, ପ୍ରଭଞ୍ଜନ ମିଶ୍ର, ତାପସ ରଞ୍ଜନ ସାହୁ, ରାଜେଶ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଭୁବନର ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା

ଭୁବନ,୨୪/୯ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ମୁଖ୍ୟରାସ୍ତାରେ ଗାଡିଆ ସୃଷ୍ଟି ହୋଇଛି । ୫୩ ନମ୍ବର ଜାତୀୟ ରାଜପଥରେ ଏବେ ୪ ଥାକିଆ ରାସ୍ତାକାମ ଓ ବାଇପାସ ନିର୍ମାଣ ଚାଲିଥିବା ବେଳେ ସହର ମଧଦେଇ ଯାଇଥିବା ରାସ୍ତାଟି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି । ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ସେପଟେ ୪ ଟିକିଆ ରାସ୍ତା କାମ ଯେତେ ଅଗ୍ରଗତି ହେଉଛି ଏପଟେ ପୁରୁଣା ରାସ୍ତା ଭାଙ୍ଗିରୁଜି ନଷ୍ଟହୋଇ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହେଉଛି । ଦୈନିକ ଶତାଧିକ ଭାରିଯାନ ଚାଲିବା ଫଳରେ ରାସ୍ତା ଅତ୍ୟନ୍ତ ଖରାପ ହେଉଛି । ଭୁବନ ସହର ର ପ୍ରବେଶ ପଥ ବାଇପାସ ଛକ(ନୀଳମାଧବ ପେଟ୍ରୋଲ ପମ୍ପ) ଠାରୁ ଦୁର୍ଗାବିଜାର,କାଳୀବଜାର ,ନୂଆଭୁବନ ଦେଇ କୋର୍ଟ ଛକ ପର୍ଯ୍ୟନ୍ତ ୩ କିମି ରାସ୍ତାରେ ହଜାରେରୁ ଉର୍ଦ୍ଧ୍ୱ ଖାଲ ସୃଷ୍ଟି ହୋଇଛି। ବର୍ଷା ହେବା ଫଳରେ ଖାଲରେ ପାଣି ଜମି କୃତ୍ରିମ ଗାଡିଆ ସୃଷ୍ଟି ହୋଇଛି ଓ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମଧ ଘଟୁଛି । ବାଇକ ଆରୋହୀ ମାନେ କେତେବେଳେ ଖାଲରେ ପଡୁଛନ୍ତି ତ କେତେବେଳେ କାଦୁଅପାଣି ଛିଟିକାରେ ଗାଧୋଇ ପଡୁଛନ୍ତି। ବାଇପାସ ରାସ୍ତା ନିର୍ମାଣ ପରେ ଏବେ ଅନେକ ଗାଡି ବାଇପାସ ଦେଇ ଯିବା ଆସିବା କରୁଛି ,ସେଥିପାଇଁ ଠିକାକାମ କରୁଥିବା ସଂସ୍ଥା ଏହି ରାସ୍ତା ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ । ଖୋଦ ରାଜ୍ୟ ପୂର୍ତ ବିଭାଗ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଙ୍କ ଏରିଆରେ ଏଭଳି ଅବସ୍ଥା । ଏନଏଚ ବିଭାଗ ଏହି ରାସ୍ତାଟିକୁ ପିଡବ୍ଲ୍ୟୁଡି ବିଭାଗକୁ ହସ୍ତାନ୍ତର କରିବ କରିବ ବୋଲି ୩ ବର୍ଷ ହେଲା ଶୁଣାଯାଉଛି । ପିଡବ୍ଲ୍ୟୁଡି କୁ ହସ୍ତାନ୍ତର କରାଗଲେ ପୂର୍ତ ବିଭାଗ ଏହି ରାସ୍ତା ନିର୍ମାଣ କରିବ । ହେଲେ ସେତିକି ମଧ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ସମ୍ଭବ ହୋଇପାରୁନାହିଁ । ଅତିତରେ ଏହି ରାସ୍ତାକୁ ନେଇ ଅନେକ ଆନ୍ଦୋଳନ ହୋଇଛି । ଆନ୍ଦୋଳନ ପରେ ବିଭାଗ ତରଫରୁ କେବଳ ଯାହିତାହି ମରାମତି କରି କାମ ସାରିଦେଉଥିବାରୁ ନିର୍ମାଣର କିଛିଦିନ ପରେ ରାସ୍ତା ଅବସ୍ଥା ପୁଣି ଯଥାପୂର୍ବଂ ତଥା ପରମ ହୋଇଯାଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦଶହରା ପୂର୍ବରୁ ଯଥାଶୀଘ୍ର ରାସ୍ତା ନିର୍ମାଣ/ ମରାମତି କରିବାକୁ ଦାବି ହୋଇଛି ଅନ୍ୟଥା ରାସ୍ତାରୋକ ଆନ୍ଦୋଳନ କରିବାକୁ ଚେତାବନି ଦିଆଯାଇଛି ।

# ନରେନ୍ଦ୍ର ପୁଷ୍କରଣୀ ଜଳଫୁଆରା ଦେଖିଲେ ଜିଲ୍ଲାପାଳ

ପୁରୀ,୨୪/୯ (ନି.ପ୍ର): କୋଟି ଟଙ୍କା ବ୍ୟୟରେ ନରେନ୍ଦ୍ର ପୁଷ୍କରଣୀରେ ଜଳଫୁଆରା ସ୍ଥାପନ ହୋଇଥିଲା। ଦୀର୍ଘମାସ ଧରି ଏହି ଜଳଫୁଆରା କାର୍ଯ୍ୟକାରୀ ନହୋଇ ପଡ଼ିରହିଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଏ ସମ୍ପର୍କରେ ଅନୁଧାନ କରିବା ପାଇଁ ପୁଷ୍କରଣୀ ନିକଟକୁ ଯାଇଥିଲେ। ଏହି ଜଳଫୁଆରରେ ଜଗନ୍ନାଥ ସଂସ୍କୃତି ଓ ପୌରାଣିକ ଗାଥା ଜଳଫୁଆରା ଆଲୋକ ମାଧମରେ ପ୍ରଦର୍ଶିତ ହେଉଥିଲା। ଯାହାକୁ ଦେଖି ପର୍ଯ୍ୟଟକମାନେ ଆନନ୍ଦିତ ହେଉଥିଲେ। ଜିଲ୍ଲାପାଳ ଦେଖିବା ପରେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିବା ସହ ଖୁବ୍‌ଶୀଘ୍ର ଚାଲୁକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ତଦାରଖ ସମୟରେ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ , ଇଡ଼କୋର କନିଷ୍ଠ ଯନ୍ତ୍ରୀ ମନୋଜ ଲେଙ୍କା, ଫୁଆରା ଲିଜ ନେଇଥିବା କମ୍ପାନୀର ସରୋଜ ପାଣିଗ୍ରାହୀ, ଶ୍ରୀମନ୍ଦିର ପ୍ରଶାସନର ଯନ୍ତ୍ରୀ ଆଶିଷ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଫୁଆରାର ଏହି ଅବ୍ୟବସ୍ଥା ସମ୍ପର୍କରେ ଟୁଇଟର ଗ୍ରୁପ୍ ଜିଲ୍ଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଦେବାଶିଷ ଦାସ, ସତ୍ୟନାରାୟଣ ସାହୁ, ସୁଧାଂଶୁ ଜେନା, ଦେବରାଜ ଦାସ, ଆଦିତ୍ୟ ବାରିକ, ବିସ୍ମୟ ମିଶ୍ର, କାହ୍ନୁ ବଡ଼ପଣ୍ଡା, ରାଜେଶ ସାହୁ ଓ ବିପିନ ମହାନ୍ତି ଉପସ୍ଥିତ ଥିଲେ।

# ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

କେନ୍ଦୁଝର,୨୪/୯ (ନି.ପ୍ର): ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ପ୍ରମୋଦ କୁମାର ମେର୍କାପ୍ ଚଳିତ ଦୁଇ ଦିନିଆଁ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନରେ ଆସି ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ତଦାରଖ କରିବା ସହ ସମୀକ୍ଷା କରିଛନ୍ତି । ବୁଧବାର ଦିନ ଘଟଗାଁ ଓ ହରିଚନ୍ଦନପୁର ବ୍ଲକ୍‌ରେ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟାନ୍ୱୟନ, ଆଇ.ସିଡି.ଏସ୍. କାର୍ଯ୍ୟକ୍ରମ, ଜୀବିକା ସଂପର୍କିତ କାର୍ଯ୍ୟକ୍ରମ, ହରିଚନ୍ଦନପୁର ବ୍ଲକ୍ ଅଂଚଳରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଏବଂ ଗୁରୁବାର ଦିନ ବାଂଶପାଳ ବ୍ଲକ୍ , ସଦର ବ୍ଲକ୍ ଅଂଚଳରେ ପୋଷଣ, ଆଇ.ସି.ଡି.ଏସ୍. କାର୍ଯ୍ୟକ୍ରମ ତଦାରଖ କରିଥିଲେ। କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଓ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ଆୟୋଗ ଅଧକ୍ଷ ଶ୍ରୀ ମେର୍କାପ୍ ସନ୍ତୋଷ ପ୍ରକାଶ କରିବା ସହିତ ପ୍ରଶଂସା କରିଥିଲେ । ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ଗୁରୁବାର ଦିନ ରାଜ୍ୟ ଖାଦ୍ୟ ଆୟୋଗର ଅଧକ୍ଷ ଶ୍ରୀ ମେର୍କାପ୍ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳ କଇଁସାରୀ ଗ୍ରାମ ଗସ୍ତ କରି ସେଠାରେ ଡି.ଏମ୍.ଏଫ୍. ତରଫରୁ ସ୍ଥାପନ କରାଯାଇଥିବା କ୍ରେଚ୍ ପରିଦର୍ଶନ କରିଥିଲେ । ସେଠାରେ କ୍ରେଚ୍‌ର କର୍ମକର୍ତା ତଥା ଶିଶୁମାନଙ୍କର ଅଭିଭାବକଙ୍କ ସହ ବାର୍ତାଳାପ କରି ଶିଶୁମାନଙ୍କର ପୁଷ୍ଟିକୁ ଗୁରୁତ୍ୱ ଦେବାକୁ କହିଥିଲେ। ଏହାପରେ ଇଚିଣ୍ଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ପୋଷଣ ମାସ ପାଳନ ଜାରି ରହିଥିବାବେଳେ ପାଳନର ଉଦ୍ଦେଶ୍ୟ ଏବଂ ଏ ଦିଗରେ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ସର୍ବଦା ଶିଶୁ ମାନଙ୍କର ପୁଷ୍ଟି ଉପରେ ନଜର ରଖିବାକୁ କହିଥିଲେ । ତାପରେ ଆୟୋଗର ଅଧକ୍ଷ ସଦର ବ୍ଲକ୍ ଅନ୍ତର୍ଗତ ଗୁମୁରା ଗ୍ରାମ ଗସ୍ତ କରି ସେଠାରେ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଏସ୍.ଏଚ୍.ଜି.ର ସଦସ୍ୟାମାନେ ମାଣ୍ଡିଆରୁ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ଖାଦ୍ୟ ବ୍ୟଞ୍ଜନ ଖାଇ ତାହାର ସ୍ୱାଦ ପରଖି ଏସବୁ ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ ହିତକର ବୋଲି ପ୍ରଶଂସା କରିଥିଲେ। ଶିଶୁ ତଥା ଜନସାଧାରଣଙ୍କ ପୃଷ୍ଟି ସାଧନ ନିମନ୍ତେ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରସାରିତ କରିବାକୁ କହିଥିଲେ । ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଉଥିବା ମାଣ୍ଡିଆ ଲଡୁର ପ୍ରସ୍ତୁତି ଓ ପ୍ୟାକେଜିଂ ବ୍ୟବସ୍ଥା ଦେଖିଥିଲେ । ଆୟୋଗର ଅଧକ୍ଷଙ୍କ ଏହି ଗସ୍ତରେ ଆୟୋଗର ସଦସ୍ୟ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି ଏବଂ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡଙ୍ଗୀଙ୍କ ସମେତ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନସୂୟା ସାହୁ, ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ସାମିଲ୍ ହୋଇଥିଲେ ।

## କୁକୁର ବି ରକ୍ତଦାନ କରନ୍ତି

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ୍ୟ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ୍ୟ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ୍ୟ ପ୍ଲେଟଲେଟସ, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍,ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରକୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି

**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ । ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ । ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ । ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ । ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ ।

ଏବେ କରେଇରେ ତେଲ ଗରମ କରନ୍ତୁ । ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ । ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ । ପ୍ରସ୍ତୁତ ହୋଇଗଲା ମିଠା ପୁରି ।



## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏକେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ୍ୟ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧ୍ୟରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟପ୍ତ ସମୟ ମିଳିଥାଏ ।



ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୁଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।



## କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

## ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



## ବାସି ଚା’ ଗରମ କରି ପିଉଛନ୍ତି କି ? ହୋଇପାରେ ଘାତକ

ଅଧିକାଂଶ ଲୋକଙ୍କୁ ଚା’ ପିଇବା ଭାରି ପସନ୍ଦ । ଚା’ ବିନା ତାଙ୍କ ଦିନ ଆରମ୍ଭ ହୁଏନି । ଏପରି ଅନେକ ଅଛନ୍ତି ଯିଏକି ଦିନରେ ୩ରୁ ୪ ଥର ଚା’ ପିଇବାକୁ ଭଲ ପାଆନ୍ତି । ସେହିପରି ଅନେକ ଏଭଳି ମଧ୍ୟ ଅଛନ୍ତି ଯିଏକି ବାସି ଚା’କୁ ରଖି ଗରମ କରି କରି ପିଇଥା’ନ୍ତି । ଯଦି ଆପଣ ମଧ୍ୟ ଏଭଳି କରୁଛନ୍ତି ତେବେ ସାବଧାନ । ଆପଣଙ୍କ ଏହି ଅଭ୍ୟାସ ହୋଇପାରେ ଘାତକ । ରଖାଯାଇଥିବା ଚା’କୁ ବାରମ୍ବାର ଗରମ କରି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାର ହୋଇଥାଏ ।

- ଦୀର୍ଘ ସମୟ ଧରି ରଖାଯାଇଥିବା ଚାକୁ ବାରମ୍ବାର ଗରମ କରି ପିଇବା ଉଚିତ୍ ନୁହେଁ । ଏଭଳି କରିବା ଦ୍ୱାରା ଚା’ର ସ୍ୱାଦ ଏବଂ ଚା’ର ସୁଗନ୍ଧ ବଦଳିଯାଇଥାଏ । ଏହା ପେଟ ଜନିତ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ତେଣୁ ଯଦି ସମ୍ଭବ ରଖାଯାଇଥିବା ଚା’ ପିଅନ୍ତୁ ନାହିଁ ।
- ବାସି ଚା’କୁ ଗରମ କରି ପିଇବା ଦ୍ୱାରା ସେଥିରେ ଥିବା ଭଲ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ । ଏହା ସ୍ୱାଦହୀନ ମଧ୍ୟ ଲାଗେ । ଏଥିସହ ଏହା ଆପଣଙ୍କ ଶରୀରକୁ କ୍ଷତି ମଧ୍ୟ ପହଞ୍ଚାଏ ।
- ଏଭଳି ଚା’ ପିଇବା ଦ୍ୱାରା ଝାଡା, କୋଷ୍ଠ କାଠିନ୍ୟ, ହଜମ ସମ୍ବନ୍ଧୀୟ ସମସ୍ୟା ଆଦି ହୋଇପାରେ । ଏଥିପାଇଁ ବାସି ଚା’କୁ ଗରମ କରି ପିଇବା ଠାରୁ ଦୂରେଇ ରୁହନ୍ତୁ ।
- ବାସି ଚା’ରେ ଅନେକ ଜୀବାଣୁ ଉତ୍ପନ୍ନ ହୋଇଯାଇଥା’ନ୍ତି । ଯଦି ଆପଣ କ୍ଷୀରରେ ତିଆରି ଚା’ ପିଉଛନ୍ତି, ତେବେ ଏହା ବାସି ବା ଦୀର୍ଘ ସମୟ ରହିଯିବା ପରେ ଏଥିରେ ମାଇକ୍ରୋବସ୍(ଏକ ପ୍ରକାର ଜୀବାଣୁ) ହେବା ଆଶଙ୍କା ଅଛି ।



- ସେହିପରି ଯଦି ଆପଣ ହର୍ବାଲ ଚା’ ପିଉଛନ୍ତି ତେବେ ତାକୁ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖି ଗରମ କରି ପିଅନ୍ତୁ ନାହିଁ । କାରଣ ଏଭଳି କରିବା ଦ୍ୱାରା ଏଥିରେ ଥିବା ସମସ୍ତ ଗୁଣ ନଷ୍ଟ ହୋଇଯାଇଥାଏ । ଯଦିଓ, ଆପଣ ଚା’କୁ ୧୫ ମିନିଟ୍ ପୂର୍ବରୁ ପ୍ରସ୍ତୁତ କରିଛନ୍ତି, ତେବେ ତାକୁ ଗରମ କରି ପିଇପାରିବେ ।

## ବେଡ୍‌କୁ ଯିବା ପୂର୍ବରୁ ନାଇଟ ସାଓ୍ୱାର କରିବାକୁ ଭୁଲନ୍ତୁ ନାହିଁ: ଜାଣି ରଖନ୍ତୁ ଫାଇଦା

ଦିନଯାକର ଜଞ୍ଜାଳ ସାରି ଘରକୁ ଫେରିବା ପରେ ସମସ୍ତେ ପ୍ରଥମେ ଫ୍ରେଶ୍ ହେବାକୁ ପସନ୍ଦ କରନ୍ତି । ଏଥିପାଇଁ କିଏ ପୁଣି ଥରେ ରାତିରେ ଗାଧୋଇଥାନ୍ତି ତ କିଏ ଏହାକୁ ଆଭଏଡ କରିଥାନ୍ତି । ହେଲେ ଜାଣିଛନ୍ତି ନାଇଟ୍ ସାଓ୍ୱାର ନେବା ପରେ ଏହା ଆପଣଙ୍କୁ ଫ୍ରେଶ୍ କରିବା ସହ ବହୁ ବେମାରକୁ ବି ଦୂରେଇ ଦେଇଥାଏ ।

ଦିନ ସାରା ବାହାରେ ବୁଲିବା, କାମ କରିବା ହେତୁ ଶରୀରରେ ଝାଳ ସହ, ଧୂଳି କିଟାଣୁ ବି ଲାଗିଯାଇଥାଏ । ତେଣୁ ରାତିରେ ଗାଧୋଇବା ପରେ ଏହା ଶରୀରରୁ ଦୂରେଇ ଯାଇଥାଏ । ଏହାଦ୍ୱାରା ଯେ ଆପଣ କେବଳ ଫ୍ରେଶ୍ ଅନୁଭବ କରନ୍ତି ତାହା ନୁହେଁ, ଏହା ଶରୀରର ତାପମାତ୍ରାକୁ ବି କିଛି ମାତ୍ରାରେ କମାଇ ଦେଇଥାଏ ।



ବେଡକୁ ଯିବା ପୂର୍ବରୁ ଭଲ ଭାବେ ଗାଧୋଇବା ତ୍ୱଚା ପାଇଁ ଖୁବ୍ ଲାଭଦାୟକ । ଏହାଦ୍ୱାରା ତ୍ୱଚା ତଥା ଚର୍ମ ସମ୍ବନ୍ଧୀୟ ରୋଗ ଦୂରେଇ ଯାଇଥାଏ । ରାତିରେ ଗାଧୋଇବା ଦ୍ୱାରା ଶରୀରରେ ରକ୍ତ ପ୍ରବାହ ଠିକ୍ ହୋଇଥାଏ । ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବାରେ ଏହା ସାହାଯ୍ୟ କରିଥାଏ ।

ରାତିରେ ଗାଧୋଇବା ପରେ ତୁରନ୍ତ ଆମ ମସ୍ତିଷ୍କ ଓ ଶରୀର ଫ୍ରେଶ୍ ହୋଇଯାଇଥାଏ । ଏହା କେବଳ ଆମ ଶରୀରକୁ ରିଫ୍ରେଶ୍ କରିଥାଏ ତାହା ନୁହେଁ ଏହା ଦ୍ୱାରା ମନ ବି ସତେଜ ଅନୁଭବ କରିଥାଏ । ଆପଣ ଚିନ୍ତାମୁକ୍ତ ଅନୁଭବ କରନ୍ତି, ଫଳରେ ରାତିରେ ଭଲ ନିଦ ହୋଇଥାଏ । ଶୋଇବା ପୂର୍ବରୁ ଗାଧୋଇବା ଦ୍ୱାରା ସମସ୍ତ ଇନ୍ଦ୍ରିୟ ଆଶ୍ଚର୍ଯ୍ୟଜନକ ଭାବେ ସକ୍ରିୟ ହୋଇ ଯାଇଥାଏ ।

ଯଦି ଆପଣ ଜିମ୍ ଯାଉଛନ୍ତି, ନିୟମିତ ଏକ୍ସରସାଇଜ କରୁଛନ୍ତି, ଏହାବାଦ ଅଫିସ୍ ବି ଯାଉଛନ୍ତି । ଏପରି ସ୍ଥିତିରେ ସକାଳେ ଗାଧୋଇବା ସହ ରାତିରେ ଗାଧୋଇବାକୁ ବି ଭୁଲନ୍ତୁ ନାହିଁ । ଏହାଦ୍ୱାରା ଧାଁଦୌଡ଼ ଯୋଗୁ ଆପଣଙ୍କ ଶରୀର ତାପମାତ୍ର ସାମାନ୍ୟ ବୃଦ୍ଧି ହୋଇଥିବା ବେଳେ ରାତିରେ ଗାଧୋଇବା ଦ୍ୱାରା ତାହା ନର୍ମାଲ ହୋଇଯାଇଥାଏ । ଫଳରେ ରାତିରେ ଭଲ ନିଦ ହେବା ସହ ସକାଳୁକୁ ଫ୍ରେଶ୍ ଅନୁଭବ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୋଦି ଓ ବାଇଡେନ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ଆମେରିକା ଗସ୍ତ ଏକାଧିକ କାରଣରୁ ବିଶେଷ ମହତ୍ତ୍ୱ ବହନ କରେ । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବେ କ୍ଷମତାକୁ ଆସିବା ପରେ ଶ୍ରୀ ମୋଦିଙ୍କର ଏହା ସପ୍ତମ ଆମେରିକା ଗସ୍ତ । ଇତିପୂର୍ବରୁ ତାଙ୍କର ପ୍ରତିଟି ଗସ୍ତ ସଫଳ ହୋଇଛି ଏବଂ ସେହି ଦୃଷ୍ଟିରୁ ବିଚାର କଲେ ଚଳିତ ଗସ୍ତ ମଧ୍ୟ ବେଶ୍ ଫଳପ୍ରସୂ ରହିବ ବୋଲି ଆଶା କରାଯାଇପାରେ । କିନ୍ତୁ ଯେଉଁ ସମୟରେ ଶ୍ରୀ ମୋଦି ଚାରିଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି ତାହା କେବଳ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ନୁହେଁ, ବିଶ୍ୱ ପରିପ୍ରେକ୍ଷୀରେ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରଥମଥର ପାଇଁ ମାର୍କିନ ରାଷ୍ଟ୍ରପତି ଯୋଶେଫ୍ ବାଇଡେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହ ଜାତିସଂଘ ସାଧାରଣ ପରିଷଦର ୭୬ତମ ଅଧିବେଶନରେ ମଧ୍ୟ ଅଂଶଗ୍ରହଣ କରିବେ । କୋଭିଡ-୧୯ ମହାମାରୀ ଆକ୍ରାନ୍ତ ବିଶ୍ୱ ଏବେ ସାମାନ୍ୟ ଆଶ୍ୱସ୍ତ ହେଉଥିବା ବେଳେ ପୁଣିଥରେ ଭର୍ଚୁଆଲ ମୋଡ଼ରୁ ସଭିଏଁ ବାସ୍ତବ ଦୁନିଆକୁ ଲେଉଟୁଛନ୍ତି । କରୋନା ପରବର୍ତ୍ତୀ ବିଶ୍ୱ ଯେ ରାଜନୈତିକଠାରୁ ନେଇ ଆର୍ଥିକ ଓ ସାମାଜିକ ତଥା ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରରୁ ଏକ ଭିନ୍ନ ପୃଥିବୀରେ ପରିଣତ ହୋଇସାରିଛି ତାହା ବୁଝିବାକୁ ଆଉ କାହାରି ବାକିନାହିଁ । ତେଣୁ ଦେଶ-ଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କ ବୃଦ୍ଧି ଏବଂ ସହଯୋଗର ସହ କାର୍ଯ୍ୟ କରିବାର ଏକ ନୂତନ ଦ୍ୱାର ଉନ୍ମୁକ୍ତ ହୋଇଛି । ସେଥିରେ ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରଙ୍କୁ ସମାନ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । ଏହାକୁ ଦୃଷ୍ଟିରେ ରଖି ଜାତିସଂଘ ସାଧାରଣ ବୈଠକରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍, ଜାପାନ ପ୍ରଧାନମନ୍ତ୍ରୀ ୟୋସିହିଡେ ସୁଗାଙ୍କ ସମେତ ଆହୁରି ବହୁ ନେତା ସେମାନଙ୍କର ସୁଚିନ୍ତିତ ମତ ରଖିବେ । କରୋନା ଭୂତାଣୁ ସଂକ୍ରମଣରୁ ମାନବ ସମାଜକୁ ଟିକା ମାଧ୍ୟମରେ ସୁରକ୍ଷା କବଚ ପ୍ରଦାନଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନ ଭଳି ବିପଦରୁ ବିଶ୍ୱକୁ ସୁରକ୍ଷିତ ରଖିବା, ଆତଙ୍କବାଦ ବିରୋଧରେର ସମୂହ କାର୍ଯ୍ୟାନୁଷ୍ଠାନ ଏବଂ ପରିବର୍ତ୍ତିତ ପରିସ୍ଥିତିରେ ପାରସ୍ପାରିକ ଆର୍ଥିକ ଓ ବାଣିଜ୍ୟିକ ସହଯୋଗ ନିମନ୍ତେ ଏବେ ସମସ୍ତଙ୍କୁ ପରସ୍ପର ସହ ହାତ ମିଳାଇବାକୁ ହେବ । ବିଶ୍ୱ ଶାନ୍ତି ଓ ମାନବ ସମାଜର ନିରାପତ୍ତା ନିମନ୍ତେ ଏହା ଏକାନ୍ତ ଜରୁରି । ସେହି ଦୃଷ୍ଟିର ଜାତିସଂଘ ସାଧାରଣର ପରିଷଦରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଅଭିଭାଷଣକୁ ସମଗ୍ର ବିଶ୍ୱ ଉତ୍କଣ୍ଠାରର ସହ ପ୍ରତୀକ୍ଷା କରି ରହିଛି । ଭାରତ ଏବେ ବିଶ୍ୱ ରାଜନୈତିକ ପ୍ରେକ୍ଷାପଟ୍ଟରେ ଏକ ବିଶେଷ ଭୂମିକା ଗ୍ରହଣ କରିଛି । ଭାରତର ସହଯୋଗ କେବଳ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ନୁହେଁ, ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ପାଇଁ ମଧ୍ୟ ଜରୁରି ହୋଇପଡ଼ିଛି । ଜାତିସଂଘରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍, ରାଷ୍ଟ୍ରପତି ଯୋଶେଫ ବାଇଡେନ ଏବଂ ଆମେରିକାର ପ୍ରମୁଖ ପାଞ୍ଚଟି କମ୍ପାନୀର ସିଓଇଙ୍କ ସହ ସିଧାସଳଖ ବାର୍ତ୍ତାଳାପ ଏବଂ ସର୍ବୋପରି କ୍ୱାଡ୍ ଶିଖର ସମ୍ମିଳନୀରେ ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ରାଷ୍ଟ୍ରମୁଖ୍ୟଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସୁରକ୍ଷା ନିମନ୍ତେ ଏକ ନୂତନ ଦିଶା ନିର୍ଦ୍ଦେଶ କରିବାର ଆଶା କରାଯାଏ । ଏହା ବ୍ୟତୀତ ଭାରତ-ଆମେରିକା ମଧ୍ୟରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ପ୍ରଯୁକ୍ତି, ବାଣିଜ୍ୟ କାରବାରଠାରୁ ନେଇ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ରଣନୀତିକ ସହଯୋଗ ନିମନ୍ତେ ଏବେ ଉଭୟ ପକ୍ଷ ପରସ୍ପରର ନିକଟତର ହୋଇଛନ୍ତି। ଜୋ ବାଇଡେନ୍‌ଙ୍କ ଦ୍ୱାରା ଆହୂତ ବୈଶ୍ୱିକ କରୋନା ଶିଖର ସମ୍ମିଳନୀରେ ବିଶ୍ୱ ଜନସମୁଦାୟଙ୍କୁ ଟିକାକରଣ କରାଯିବା ଉପରେ ହୋଇଥିବା ସହମତ ବାସ୍ତବିକ୍ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ । ଭାରତର ଅଧିକ ଟିକା ଉତ୍ପାଦନ ଏବଂ ଆମେରିକାର ଅଧିକ ଟିକା କ୍ରୟ ଏବଂ ବଣ୍ଟନ ଏହି ପ୍ରୟାସକୁ ସାକାର କରିବା ନିମନ୍ତେ ସହାୟକ ହେବ । ଏହା ବ୍ୟତୀତ ଆମେରିକାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭାବ ବିନିମୟ ତାଙ୍କର ଲୋକପ୍ରିୟତା ତଥା ନେତୃତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି । ଏହା ଅନସ୍ୱୀକାର୍ଯ୍ୟ ଯେ ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କର ବୈଶ୍ୱିକ ନେତୃତ୍ୱକୁ ବହୁଧା ପ୍ରମାଣିତ କରିଛନ୍ତି ଏବଂ ଚଳିତ ଆମେରିକା ଗସ୍ତ ଏହାର ଏକ ଜ୍ୱଳନ୍ତ ପ୍ରମାଣ ।

# ପିତୃପକ୍ଷ : ଋଣ ପରିଶୋଧର ଅବସର



ଗୋପାଳ ମହାପାତ୍ର

ଭାଦ୍ରବ ମାସ ଶୁକ୍ଳପକ୍ଷର ପୂର୍ଣ୍ଣମୀ ତିଥି ଠାରୁ ପତୃପକ୍ଷ ମହାଳୟା ଶ୍ରାଦ୍ଧର ପକ୍ଷ ଆରମ୍ଭ ହୋଇଥାଏ। ଅର୍ଥାତ୍ ସେପ୍ଟେମ୍ବର ମାସ ୨୦ ତାରିଖ ଠାରୁ ଆଶ୍ୱୀନ ମାସ ଅମାବାସ୍ୟା ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଏହି ପିତୃପକ୍ଷ ରହିଥାଏ। ବାସ୍ତବରେ ଶ୍ରାଦ୍ଧ ଶବ୍ଦ ଶ୍ରଦ୍ଧାରୁ ହିଁ ସୃଷ୍ଟି ଯାହାର ଅର୍ଥ ହେଉଛି ପିତୃ ପିତାମହମାନଙ୍କ ପ୍ରତି ଶ୍ରଦ୍ଧା ଭାବ ରଖିବା। ଜୀବନର ଅନ୍ତିମ ସଂସ୍କାର ହେଉଛି ଅନ୍ତ୍ୟେଷ୍ଟିକ୍ରିୟା। ଏହି କ୍ରିୟାସହ ଜୀବନର ସମାପନ ହୋଇଯାଇଥାଏ। ତାପରେ ମଧ୍ୟ ବଂଶର ସଦସ୍ୟମାନଙ୍କ ସ୍ମୃତି ଏବଂ ପୂର୍ବଜନ୍ମର ସନାତନ ଧର୍ମ ସହ ଜଡ଼ିତ ମାନ୍ୟତା ଅନୁସାରେ ମୃତ୍ୟୁ ପରେ ମଧ୍ୟ ପରମ୍ପରାର ନିର୍ବାହନର ନିରନ୍ତରତା ରହିଆସିଛି। ଏଥି ମଧ୍ୟରେ ରିହିଛି ପିତୃପୁରୁଷଙ୍କ ପାଇଁ ପ୍ରତିବର୍ଷ ଦିଆଯାଉଥିବା ଶ୍ରାଦ୍ଧ। ଏହି କ୍ରିୟା ଅନୁସାରେ ଆମେ ଆମର ଦିବଂଗତମାନଙ୍କ ପ୍ରତି ଆଦର ଭାବ ପ୍ରକଟ କରିବାର ମାଧ୍ୟମ ହେଉଛି ଶ୍ରାଦ୍ଧ। ମୃତ୍ୟୁ ଠାରୁ ଶ୍ରାଦ୍ଧ କର୍ମ ପର୍ଯ୍ୟନ୍ତ ଯେଉଁସବୁ କ୍ରିୟା ରହିଛି ସେ ସବୁର ପଛରେ ଶରୀର ଏବଂ ପ୍ରାକୃତିର ବିଜ୍ଞାନ ଜଡ଼ିତ ଯାହାକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଶ୍ରାଦ୍ଧର ମାନ୍ୟତା ଆତ୍ମାର ଗମନ ସହ ଜଡ଼ିତ। ଚୂଡ଼ାମଣି ଉପନିଷଦରେ କୁହାଯାଇଛି ଯେ ବ୍ରହ୍ମ ଅର୍ଥାତ୍ ବ୍ରହ୍ମାଣ୍ଡର ଅଂଶରୁ ହିଁ ପ୍ରକାଶମୟୀ ଆତ୍ମାର ଉତ୍ପତି ହୋଇଥାଏ। ଏହି ଆତ୍ମାରୁ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ, ଜଳରୁ ପୃଥିବୀର ଉତ୍ପତି ହୋଇଛି। ଏହି ପାଞ୍ଚ ତତ୍ୱର ସମନ୍ୱିତ ରୂପରେ ମନୁଷ୍ୟ ଓ ପ୍ରାଣୀ ଜଗତ ଏବଂ ବ୍ରହ୍ମାଣ୍ଡ ର ସୃଷ୍ଟି। ଏହି କାରଣରୁ ଅନ୍ତ୍ୟେଷ୍ଟି କ୍ରିୟା ବା ସଂସ୍କାରରେ ମୃତ ଶରୀରକୁ ଅଗ୍ନିରେ ସମର୍ପିତ କରି ପଞ୍ଚ ତତ୍ୱରେ ବିଲିନ କରିବାର ପରମ୍ପରା ରହିଛି। ଆତ୍ମା ବା ଶରୀରର ଅଂଶ ର ଏହି ବିଲୟକୁ ପ୍ରେତି କୁହାଯାଏ। ଅପଭ୍ରଂଶ ଭାବେ ଏହାକୁ ପ୍ରେତ ବୋଲି କୁହାଯାଉଛି। ଆତ୍ମାର ଅଜର ଅମର ରହିବା କଥା ବା ଅସ୍ତିତ୍ୱକୁ ଏବେ ବିଜ୍ଞାନ ମଧ୍ୟ ସ୍ୱୀକୃତି ଦେଉଛି। ଶରୀର ରେ ଆତ୍ମା ସହ ମନ ଏବଂ ପ୍ରାଣ ମଧ୍ୟ ରହିଥାଏ। ମନ ଏବଂ ପ୍ରାଣ ଶରୀରଠାରୁ ମୁକ୍ତ ହେବାପରେ ମଧ୍ୟ ଶରୀରରେ ଏହାର ପ୍ରଭାବ ରହିଥାଏ। ମନକୁ ଚନ୍ଦ୍ରଙ୍କର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ। ଭାରତୀୟ ଦର୍ଶନ ରେ ଏଇଥି ପାଇଁ ସ୍ଥୁଳ ଓ ସୂକ୍ଷ୍ମ ଶରୀରର କଳ୍ପନା କରାଯାଇଥାଏ। ପିତୃପକ୍ଷର ଅବଧିରେ ଏଭଳି ଧାରଣା ରହିଛି ଯେ ଶ୍ରାଦ୍ଧ ସମୟରେ ପରିଜନମାନଙ୍କ ଚତୁଃପାର୍ଶ୍ୱରେ ମୃତକଙ୍କ ସୂକ୍ଷ୍ମ ଅଂଶ ଘୂରି ବୁଲୁଥାଏ ଏବଂ ଶ୍ରାଦ୍ଧ ପରେ ସନ୍ତୁଷ୍ଟ ହୋଇ ଫେରିଯାଇଥାଏ। ସଂପୂର୍ଣ୍ଣ ଶରୀରରେ ୧୭ ସୂକ୍ଷ୍ମ ଇନ୍ଦ୍ରୀୟ ରହିଥାଏ। ଏଥିମଧ୍ୟରୁ ୫ କର୍ମେନ୍ଦ୍ରିୟ, ୫ ଜ୍ଞାନେନ୍ଦ୍ରିୟ, ୫ ପ୍ରାଣେନ୍ଦ୍ରିୟ, ଏକ ମନ ଏବଂ ଏକ ବୁଦ୍ଧି।

ଏହି ଇନ୍ଦ୍ରିୟମାନେ ୬ଟି ଧାତୁ ତ୍ୱଚା, ରକ୍ତ, ମାଂସ, ମେଦ, ମଜ୍ଜା ଏବଂ ଅସ୍ଥି ନିର୍ମିତ ସ୍ଥୁଳ ଶରୀରରେ ପ୍ରବେଶ କରିବା ପରେ ତାହା ପୂର୍ଣ୍ଣ ଶରୀରରେ ପରିଣତ ହୋଇଥାଏ। ଏଣୁ ସ୍ଥୁଳ ଶରୀରରୁ ଯେତେବେଳେ ସୂକ୍ଷ୍ମ ଇନ୍ଦ୍ରୀୟ ବାହାରିଯାଆନ୍ତି ସେତେବେଳେ ସୂକ୍ଷ୍ମ ଶରୀରର ଉତ୍ପତି ହୋଇଥାଏ। ଏହାକୁ ପ୍ରେତ ସଂଜ୍ଞା ଦିଆଯାଇଥାଏ। ଏହି ବାୟୁତତ୍ୱର ଶରୀର ମାୟା ମୋହରୁ ମୁକ୍ତ ହୋଇନପାରି ପରିଜନମାନଙ୍କ ଚତୁଃପାର୍ଶ୍ୱରେ ଘୂରିବୁଲନ୍ତି। ଏହି ବାୟୁତତ୍ୱ ଶରୀରକୁ ମୁକ୍ତି ଦେବା ପାଇଁ ଶ୍ରାଦ୍ଧ ଆଦି କ୍ରିୟା କରାଯାଇଥାଏ। ଶ୍ରାଦ୍ଧ ବା ପିଣ୍ଡଦାନ ମୁଖ୍ୟତଃ ତିନି ପୁରୁଷଙ୍କ ପାଇଁ କରାଯାଇଥାଏ। ପିତୃପକ୍ଷରେ କରାଯାଉଥିବା କାର୍ଯ୍ୟରେ ପୁର୍ବଜମାନଙ୍କର ଆତ୍ମାକୁ ଶାନ୍ତି ମିଳିଥାଏ। ଏଥିସହିତ ଶ୍ରାଦ୍ଧ କରୁଥିବା ବ୍ୟକ୍ତିକୁ ମଧ୍ୟ ପିତୃଋଣରୁ ମୁକ୍ତି ମିଳିଥାଏ ବୋଲି କୁହାଯାଏ। ଭିଷ୍ମ ପିତାମହ ଥରେ ଯୁଧିଷ୍ଠିରଙ୍କୁ କହିଥିଲେ ଯେ ଶ୍ରାଦ୍ଧ କରୁଥିବା ବ୍ୟକ୍ତିଙ୍କୁ ଉଭୟ ଲୋକରେ ସୁଖ ମିଳିଥାଏ। ଶ୍ରାଦ୍ଧରେ ସନ୍ତୁଷ୍ଟ ହୋଇ ପିତୃଲୋକମାନେ ଆଶୀର୍ବାଦ ପ୍ରଦାନ କରିଥାନ୍ତି। ଏକ ପୌରାଣିକ କଥା ଅନୁସାରେ ମହାଦାନୀ କର୍ଣ୍ଣଙ୍କର ମହାଭାରତ ଯୁଦ୍ଧରେ ନିଧନ ହୋଇଥିଲା ଓ ତାଙ୍କ ଆତ୍ମା ସ୍ୱର୍ଗରେ ପହଞ୍ଚିଥିଲା। ସ୍ୱର୍ଗରେ ତାଙ୍କୁ ଭୋଜନ ପାଇଁ ଖାଦ୍ୟଦ୍ରବ୍ୟ ବଦଳରେ ସୁନା ଏବଂ ବିଭିନ୍ନ ଗହଣାମାନ ଦିଆଯାଇଥିଲା। ଏ ସମ୍ପର୍କରେ କର୍ଣ୍ଣ ଇନ୍ଦ୍ରଦେବତାଙ୍କୁ ଜଣାଇଥିଲେ। ଇନ୍ଦ୍ରଦେବ କର୍ଣ୍ଣଙ୍କୁ ଉତ୍ତରରେ କହିଥିଲେ ଯେ ତୁମେ ତୁମ ଜୀବଦଶାରେ ଅନ୍ୟମାନଙ୍କୁ ସ୍ୱର୍ଣ୍ଣ ଆଭୁଷଣ ଦାନ କରିଛ କିନ୍ତୁ ପୂର୍ବଜମାନଙ୍କୁ କିଛି ଦେଇନାହଁ। ଇନ୍ଦ୍ରଦେବଙ୍କ କଥା ଶୁଣି କର୍ଣ୍ଣ ତାଙ୍କ ପୂର୍ବଜଙ୍କ ବାବଦରେ କିଛି ଜାଣିନଥିବା କହିଥିଲେ। କର୍ଣ୍ଣଙ୍କ କଥା ଶୁଣି ଇନ୍ଦ୍ରଦେବ କର୍ଣ୍ଣଙ୍କୁ ତାଙ୍କ ପୂର୍ବପୁରୁଷଙ୍କ ବାବଦରେ ସୂଚନା ଦେବା ସହ ୧୫ଦିନ ପାଇଁ ପୁଣି ପୃଥିବୀ ପୃଷ୍ଠକୁ ଆସିବା ପାଇଁ ଅନୁମତି ଦେଇଥିଲେ। କର୍ଣ୍ଣ ୧୫ଦିନ ପୃଥିବୀ ପୃଷ୍ଠକୁ ଆସି ତାଙ୍କ ପୂର୍ବଜମାନଙ୍କୁ ସନ୍ତୁଷ୍ଟ କରିପାରିଥିଲେ। ସେହି ୧୫ଦିନକୁ ପିତୃପକ୍ଷ ବୋଲି କୁହାଯାଏ। ଶ୍ରାଦ୍ଧ ନିଜର ଦିବଂଗତ ପୂର୍ବଜମାନଙ୍କୁ ମନେପକାଇ ସେମାନଙ୍କ ପ୍ରତି ଶ୍ରାଦ୍ଧ ଅଭିବ୍ୟକ୍ତ କରିବାର ଅବସର ଦେଇଥାଏ।

ପିତର ବା ପିତୃପୁରୁଷ ଦୁଇ ପ୍ରକାରର ଯଥା ଦିବ୍ୟ ପିତର ଓ ପୂର୍ବଜ ପିତର। ଦିବ୍ୟ ପିତର ବ୍ରହ୍ମାଙ୍କ ପୁତ୍ର ମନୁଙ୍କ ଠାରୁ ଉତ୍ପନ୍ନ ଋଷିମାନେ। ପିତରମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଅର୍ଯ୍ୟମା। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସେ ହିଁ ପିତରଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଯ୍ୟମା। ଦ୍ୱିତୀୟ ପ୍ରକାରର ପିତର ହେଉଛନ୍ତି ପୂର୍ବଜ। ପିତୃପକ୍ଷରେ ଆମେ ଏହି ପୂର୍ବଜମାନଙ୍କୁ ମନେ ପକାଇଥାଉ ଏବଂ ସେମାନଙ୍କୁ ପିଣ୍ଡଦାନ ମଧ୍ୟ କରିଥାଉ। ଶ୍ରାଦ୍ଧରେ ବ୍ରାହ୍ମଣମାନଙ୍କୁ ଭୋଜନ ଓ ଦକ୍ଷିଣା ପ୍ରଦାନ କରାଯାଇଥାଏ। କଠୋପନିଷଦ, ଗରୁଡ଼ପୁରାଣ, ମାର୍କଣ୍ଡେୟ ପୁରାଣ ଅନୁସାରେ ପିତର ବା ପିତୃପୁରୁଷମାନେ ପିତୃପକ୍ଷର ଶ୍ରାଦ୍ଧ ସମୟରେ ଅନ୍ନ ଓ ଜଳ ପାଇଁ ଅପେକ୍ଷା କରିଥାନ୍ତି।

ହିନ୍ଦୁ ସଂସ୍କୃତିରେ ଶ୍ରାଦ୍ଧର ବିଶେଷ ମହତ୍ୱ ରହିଛି। ଶ୍ରାଦ୍ଧରେ ପିତୃପୁରୁଷଙ୍କୁ ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଦ୍ରବ୍ୟ ଭୋଗ ଲଗାଯାଇଥାଏ। ମାର୍କଣ୍ଡେୟ ଋଷିଙ୍କ ମତରେ ପିତୃପୁରୁଷ ସୂକ୍ଷ୍ମ ରୂପରେ ନିଜର ବଂଶଜମାନଙ୍କ ପାଖକୁ ଆସିଥାନ୍ତି। ସଂଧ୍ୟା ପୂର୍ବରୁ ଶ୍ରାଦ୍ଧ ଦିଆଯିବାର ବିଧି ରହିଛି। ସୂର୍ଯ୍ୟ ଅସ୍ତ ହେବାପରେ ଶ୍ରାଦ୍ଧ ଦିଆଯିବା ଉଚିତ୍ ନୁହେଁ। ଶାସ୍ତ୍ର ଅନୁସାରେ ଦେବତାମାନଙ୍କ ଅପେକ୍ଷା ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ଅଧିକ କଲ୍ୟାଣକାରୀ ହୋଇଥାଏ। ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିରେ ପିତାମାତାଙ୍କ ସେବା ହେଉଛି ସବୁଠାରୁ ବଡ଼ ପୂଜା। ଶାସ୍ତ୍ର ଅନୁସାରେ ପିତୃପୁରୁଷଙ୍କୁ ଉଦ୍ଧାର କରିବା ମଧ୍ୟ ପୁତ୍ରର ଅନିର୍ବାର୍ଯ୍ୟତା। ଶ୍ରାଦ୍ଧ ପୂର୍ବରୁ ତର୍ପଣ କରିବାର ବିଧାନ ରହିଛି। ଧର୍ମଶାସ୍ତ୍ର ଅନୁସାରେ ମନୁଷ୍ୟର ତିନି ପ୍ରକାରର ଋଣ ରହିଛି। ଏହା ହେଉଛି ପିତୃଋଣ, ଦେବଋଣ ଏବଂ ଋଷିଋଣ। ଏଥିମଧ୍ୟରୁ ପିତୃଋଣ ସର୍ବୋପରି। ପିତୃଋଣରେ ପିତାଙ୍କ ବ୍ୟତିତ ମାତା ଏବଂ ଅନ୍ୟମାନେ ମଧ୍ୟ ସମ୍ମିଳିତ। ପିତୃପକ୍ଷରେ ପିତାଙ୍କର ତିନି ପୁରୁଷ ଯଥା ପିତା, ପିତାମହ, ପ୍ରପିତାମହ ଏବଂ ମାତା, ମାତାମହି, ପ୍ରମାତାମହିଙ୍କ ପାଇଁ ତର୍ପଣ କରାଯାଇଥାଏ ଓ ପିଣ୍ଡଦାନ କରାଯାଇଥାଏ । ମତ୍ସ୍ୟ ପୁରାଣ ଅନୁସାରେ ଶ୍ରାଦ୍ଧ ୩ପ୍ରକାରର ହୋଇଥିବାବେଳେ ଯମ ସ୍ମୃତିରେ ଶ୍ରାଦ୍ଧ ୫ପ୍ରକାରର ବୋଲି କୁହାଯାଇଛି। କେଉଁ ଅନାଦି କାଳରୁ ଚାଲି ଆସୁଥିବା ଏହି ପରମ୍ପରାକୁ ମାନି ହିନ୍ଦୁ ସଂସ୍କୃତିର ଲୋକେ ତାଙ୍କ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପକ୍ଷରେ ତିଳ ତର୍ପଣ ଓ ପିଣ୍ଡଦାନ କରିଥାନ୍ତି।

+ ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ଜାଲିଆନାବାଗର ପ୍ରତିଛବି ଇରମ

ଇଂ. ଅଭୟ ସୂତାର

କାଳ ସର୍ବଜୟୀ । ଏହି କାଳର କରାଳ ଗର୍ଭରେ କେତେ ଯେ ଘଟଣା ପ୍ରବାହ ବିସ୍ମୃତ ହୋଇଯାଇଛି , ତାହାର କଳନା ନାହିଁ। ତଥାପି କତିପୟ ସ୍ମୃତିରାଜି ସମୟ ସ୍ରୋତରେ ଦିଗଭ୍ରଷ୍ଟ ନ ହୋଇ ତିଷ୍ଠି ରହିଛି ଜନ ଚେତନାକୁ ଜାଗ୍ରତ କରିବା ପାଇଁ। ଇତିହାସର ପୃଷ୍ଠା ଏହିପରି ବହୁ ଦୃଷ୍ଟାନ୍ତରେ ଭରପୂର। ଆମେରିକାର ସ୍ୱାଧୀନତା ସଂଗ୍ରାମ, ଫରାସୀ ରାଷ୍ଟ୍ର ବିପ୍ଳବ, ରୁଷ ବିପ୍ଳବ ଓ ଭାରତର ସ୍ୱାଧୀନତା ସଂଗ୍ରାମପରି ଜନ ଜାଗରଣକାରୀ ସ୍ମୃତି ଯୁଗଯୁଗ ଧରି ଆଗାମୀ ବଂଶଧର ମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ - ଏହା ନିସନ୍ଦେହ ।

ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଯେଉଁସବୁ ବିପ୍ଳବ ସଂଗଠିତ ହୋଇଥିଲା, ତନ୍ମଧ୍ୟରେ ଭାରତର ସ୍ୱାଧିନତା ଆନ୍ଦୋଳନର ସ୍ଥାନ ସ୍ୱତନ୍ତ୍ର ଥିଲା। ବିଦେଶୀ ଶାସନର ବଂଧନରୁ ମୁକ୍ତିଲାଭ ଆଶାରେ ଭାରତର କୋଟି କୋଟି ନରନାରୀ, ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଅହିଂସା ଓ ଅସହଯୋଗ ଆନ୍ଦୋଳନର ଯେଉଁ ବଜ୍ର ଶପଥ ନେଲେ, ତାହା ସମଗ୍ର ବିଶ୍ୱକୁ ଚମକୃତ କରିପାରିଥିଲା। ସହରାଞ୍ଚଳରୁ ସୁଦୂର ପୁରପଲ୍ଲୀ ସର୍ବତ୍ର ଅହିଂସା ଆନ୍ଦୋଳନର ଲେଲିହାନ ଅଗ୍ନି ଶିଖା ପ୍ରଜ୍ୱଳିତ ହୋଇଉଠିଲା। ସେତେବେଳେ ୧୯୪୨ ମସିହା କଥା, ଭାରତଛାଡ଼ ଆନ୍ଦୋଳନର ରଣ ଦୁନ୍ଦୁଭି ସମଗ୍ର ଦେଶରେ ପ୍ରକମ୍ପିତ ହେଉଥାଏ। ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ପୁରପଲ୍ଲୀରେ ଅତ୍ୟାଚାରୀ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନର ତୀବ୍ର ରୂପ ଖୁବ୍ କ୍ଷୀପ୍ର ହୋଇ ଉଠୁଥାଏ।

ଏହି ପରିପ୍ରେକ୍ଷୀରେ ଅଧୁନା ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧିନସ୍ଥ ଇରମ ଅଞ୍ଚଳର ଇଂରେଜ ଶାସନ ବିରୋଧରେ ଏକ ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହେବାକୁ ଲାଗିଲା। ଏହି ଦୁର୍ଦ୍ଦମନୀୟ ଜନ ଆନ୍ଦୋଳନର ଲଉଜାଣି ସ୍ରୋତକୁ ଅଧିକ ଗତିଶୀଳ କରିବା ପାଇଁ ବିଧି ଉଦ୍ଦିଷ୍ଟ ହେବା ପରି ପୁଣ୍ୟ ଇରମ ଭୂଇଁରେ ଆବିର୍ଭାବ ହୁଅନ୍ତି ଯୋଗଜନ୍ମା କିମ୍ବଦନ୍ତୀ ପୁରୁଷ, କବି ବାଞ୍ଛାନିଧି ମହାନ୍ତି। ତାଙ୍କର ସ୍ୱରଚିତ ଜାତୀୟ ଚେତନା ଉଦ୍ରେକକାରୀ କବିତା ସେ ଅଞ୍ଚଳର ଜନମାନସକୁ ବେଶ୍ ପ୍ରଭାବିତ କରିପାରିଥିଲା। ତାଙ୍କ କବିତାର ଆବେଗମୟ ଭାବ ଓ ଭାଷା ଯେଉଁପରି ପ୍ରାଣସ୍ପର୍ଶୀ, ସେହିପରି ମଧ୍ୟ ହୃଦୟ ବିଦାରକ ଥିଲା।

ରାଜ୍ୟ ତଥା ରାଜ୍ୟବାହାରୁ ସ୍ୱାଧୀନତାସଂଗ୍ରାମର ପୁରୋଧାମାନେ ଜାତୀୟ କଂଗ୍ରେସର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଦ୍ୱାରା ଜାତୀୟ ଜାଗରଣର ମନୋଭାବ କ୍ରମଶଃ ପ୍ରବଳ ହେବାକୁ ଲାଗିଲା। ଇରମ ମେଳନ ପଡ଼ିଆ ହିଁ ଥିଲା, ଏହି ମୁକ୍ତିକାମୀ ସଂଗ୍ରାମୀମାନଙ୍କର ମିଳନ ସ୍ଥଳ । ଏହିଠାରେ ସେ ଅଞ୍ଚଳର ଜନସାଧାରଣଙ୍କୁ ସଂଗଠିତ କରି ସଭା ସମିତି ମାଧ୍ୟମରେ ସେମାନଙ୍କର ସୁପ୍ତ ମନୋଭାବକୁ ଜାଗ୍ରତ କରି ସ୍ୱାଧୀନତାର ସ୍ୱପ୍ନକୁ ସାକାର କରିବା ହିଁ ଥିଲା, ଏହି ମହାନ ଦେଶଭକ୍ତଙ୍କର ଏକମାତ୍ର ଉଦ୍ଦେଶ୍ୟ। ସେହି ପୁଣ୍ୟଭୂମି ମେଳନ ପଡ଼ିଆରେ ଦୁଃଖିଜନ ସଖା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଅମର୍ଷିବାଣୀ ଓ ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କର ସ୍ୱରଚିତ ଜାତୀୟ କବିତା ଉପସ୍ଥିତ ଜନସାଧାରଣଙ୍କୁ ମନ୍ତ୍ର ମୁଗ୍ଧ ତଥା ଭାବ ବିହ୍ୱଳ କରିପାରିଥିଲା। ବହୁ ମାନ୍ୟଗଣ୍ୟ ଜାତୀୟସ୍ତରର ନେତାଙ୍କର ଘନଘନ ଆଗମନ ଫଳରେ ଜନସମୁଦ୍ରର ଚିନ୍ତା ଓ ଚେତନାର ଢ଼େଉ ସତେ ଯେପରି ଉଦ୍‌ବେଳିତ ହୋଇଉଠୁଥିଲା। ୧୯୪୨ ମସିହା ଅଗଷ୍ଟ ମାସ ୨୭ ତାରିଖରୁ ଆନ୍ଦୋଳନର ଗତି ଏକ ଭିନ୍ନ ମୋଡ଼ ନେବାକୁ ଲାଗିଲା। ସତ୍ୟାଗ୍ରହୀମାନେ ସାମୟିକଭାବେ ଅହିଂସାର ପଥ ପରିତ୍ୟାର କରି ହିଂସାତ୍ମକ ପଥ ଅନୁସରଣ କରିବାକୁ ଲାଗିଲେ। ବାସୁଦେବପୁର ଅଞ୍ଚଳର ତତ୍କାଳୀନ ୟୁନିୟନ ସଭାପତିଙ୍କ ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ବାଧ କରିବା ଓ ଜମିଦାରଙ୍କର ଅମାର ଭାଙ୍ଗିବା ଆଦି କାର୍ଯ୍ୟ ବିଶେଷ ପ୍ରଣିଧାନଯୋଗ୍ୟ। ପରାକ୍ରମଶାଳୀ ଇଂରେଜ ସରକାରଙ୍କର ଦମନମୂଳକ ନୀତିକୁ ଭୃକ୍ଷେପ ନ କରି ଇରମ ଅଞ୍ଚଳରେ ଏକ ସମାନ୍ତରାଳ ସରକାର ପ୍ରତିଷ୍ଠା କରିବା ମଧ୍ୟ ଖୁବ୍ ଆଶ୍ଚର୍ଯ୍ୟଜନକ ଓ ସାହସିକତାର ଘଟଣା। ଏହି ପରିପ୍ରେକ୍ଷୀରେ ଇରମର ରାଜନୈତିକ ବାତାବରଣ ଖୁବ୍ କ୍ଷିପ୍ରତର ହେବା ସଙ୍ଗେ ସଙ୍ଗେ ଜନମାନସରେ ସ୍ୱାଧିନତାର ରଣ ଦୁନ୍ଦୁଭି ବାଜି ଉଠିଲା।

ସେହି ସ୍ମରଣୀୟ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ, ଯେଉଁଦିନ ବାସୁଦେବପୁର ଥାନାର ଏକ ପୋଲିସ୍ ଫୌଜ ୟୁନିୟନ ପ୍ରେସିଡ଼େଣ୍ଟ ଓ ଜମିଦାରଙ୍କ ଅଭିଯୋଗରେ ତଦନ୍ତ ନିମନ୍ତେ ଇରମ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ପୂର୍ବ ଯୋଜନାନୁଯାୟୀ ପୋଲିସ୍ ଫୌଜଙ୍କର ଅଚାନକ ଆଗମନର ବାର୍ତ୍ତା ଶଙ୍ଖ ଧ୍ୱନି ମାଧ୍ୟମରେ ବିଦ୍ୟୁତ୍ ବେଗରେ ସବୁଆଡ଼େ ପ୍ରଚାରିତ ହୋଇଗଲା। ଚାହୁଁ ଚାହୁଁ ମେଳନ ପଡ଼ିଆକୁ ଜନ ସମୁଦ୍ରର ଉଜାଣି ସ୍ରୋତ ପ୍ରବାହିତ ହେବାକୁ ଲାଗିଲା। ପୋଲିସ୍ ଫୌଜଙ୍କର ବିଛଣାପତ୍ର ଧରି ପଛରେ ଆସୁଥିବା ଚୌକିଦାରଙ୍କଠାରୁ କେତେକ ମିଥ୍ୟା ଅଭିଯୋଗ ପାଇ ଡ଼ି.ଏସ୍.ପି. ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇ ସତ୍ୟାଗ୍ରହୀମାନଙ୍କ ଉପରେ ଚରମ ପ୍ରତିଶୋଧ ନେବା ପାଇଁ ଦୃଢ଼ ପ୍ରତିଜ୍ଞା ହେଲେ ଓ ତୁରନ୍ତ ମେଳନ ପଡ଼ିଆରେ ସମବେତ ନିରସ୍ତ୍ର ନିରୀହ ଜନସାଧାରଣଙ୍କ ଆଡ଼କୁ କ୍ଷୁଧିତ ଶାର୍ଦ୍ଦୁଳ ସଦୃଶ ଲମ୍ଫ ପ୍ରଦାନ କଲେ। ତିନି ଦିଗରୁ ଅବରୋଧ ମେଳନ ପଡ଼ିଆର ଏକ ମାତ୍ର ଗୋହିରୀପଥରେ ସଶସ୍ତ୍ର ପୋଲିସ୍ ବାହିନୀଙ୍କର ଆଗମନ ଦେଖି ସମବେତ ଜନତା କିଂକର୍ତ୍ତବ୍ୟବିମୁଢ଼ ହୋଇ ପ୍ରାଣ ଭୟରେ ପଳାୟନର ପଥ ଖୋଜି ପାଇନଥିଲେ।

ହଠାତ୍ ଡ଼ି.ଏସ୍.ପି.ଙ୍କର ଅମାନୁଷିକ ନିର୍ଦ୍ଦେଶରେ ସମବେତ ଆବାଳ ବୃଦ୍ଧବନିତାଙ୍କ ଉପରେ ଚାଲିଲା ଆଖିବୁଜା ଗୁଳିଚାଳନା। ଆଖିପିଛୁଳାକେ ସଭାସ୍ଥଳରେ ୨୯ ଜଣ ପ୍ରାଣବଳି ଦେଲେ ଓ ଅନ୍ୟ ୫୬ ଜଣ ଗୁରୁତର ଆଘାତ ପ୍ରାପ୍ତ ହେଲେ। ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବରୁ ମେଳନ ପଡ଼ିଆଟି ସହିଦମାନଙ୍କର ରକ୍ତରେ ରଂଜିତ ହୋଇଉଠିଲା। ଗୁଳି ଚୋଟରେ ଆହତ ତଥା ପ୍ରାଣ ବିକଳରେ ଆଶ୍ରୟ ଖୋଜୁଥିବା ଲୋକଙ୍କର ବୁକୁଫଟା ଚିତ୍କାରରେ ବାୟୁମଣ୍ଡଳ ବେଦନାଶିକ୍ତ ହୋଇଉଠିଲା। ଏହି ବର୍ବରୋଚିତ ନରସଂହାର ପରେ ମଧ୍ୟ ପୋଲିସ ଫୌଜର କ୍ରୋଧ ପ୍ରଶମିତ ହୋଇ ନ ଥିଲା। ଆଘାତପ୍ରାପ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସଂଗୀନ ମୁନରେ ଆଘାତ କରି ମାରି ଦେବାକୁ ତିଳେ ହେଲେ କୁଣ୍ଠାବୋଧ କରି ନଥିଲେ।

ମେଳନ ପଡ଼ିଆର ନରମେଧ ଯଜ୍ଞର ହୃଦୟବିଦାରକ ବାର୍ତ୍ତା ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଆତ୍ମୀୟସ୍ୱଜନଙ୍କର ସୁଅ ଛୁଟିଲା ସେହି ପଡ଼ିଆକୁ। ଆହତ ଓ ମୃତବ୍ୟକ୍ତିଙ୍କର ହୃଦୟବିଦାରକ ଦୃଶ୍ୟ ସାଙ୍ଗକୁ ପ୍ରିୟଜନଙ୍କର ଆକୁଳ କ୍ରନ୍ଦନ ଅବର୍ଣ୍ଣନୀୟ। ଇରମ ଚିର ଦିନପାଇଁ ଆଦର୍ଶ ହୋଇଗଲା। ଏହି ମାଟି ସହିଦ୍ ମାଟିରେ ପରିଣତ ହେଲା। ସମଗ୍ର ଜାତି ପାଇଁ ଯେଉଁମାନେ ଅକାଳରେ ଜୀବନଦୀପ ଲିଭାଇଦେଇ ଲକ୍ଷ ଲକ୍ଷ ଜୀବନ ଦୀପ ଜାଳିଦେଇଗଲେ, ଏ ଜାତି ସେମାନଙ୍କୁ କେବେ ଭୁଲି ପାରିବ ନାହିଁ। ସେହିମାନଙ୍କ ଜୀବନାଦର୍ଶ ଓ ତ୍ୟାଗକୁ ପାଥେୟ କରି ବୀର ପୁରୁଷଭାବେ ଆମକୁ ଆଗେଇବାକୁ ପଡ଼ିବ ।

+ ଗୀତିକାର (ସ୍ୱୀକୃତିପ୍ରାପ୍ତ), ଆକାଶବାଣୀ ଓ ଦୂରଦର୍ଶନ(ପ୍ରସାରଭାରତୀ)
ମୋ.: ୯୪୩୭୩୭୬୯୬୭/ ୭୦୭୭୩୪୮୫୪୩




## ମୁକ୍ତି ଚାହେଁ

ଦୁଷ୍ମନ୍ତ ବେହେରା



ମୁକ୍ତି ପଥରେ ଦେହ ଥୋଇ
ପାପର ସାଗରେ ବୁଡ଼ି ବୁଡ଼ି
ଭାଗ୍ୟକୁ ନିନ୍ଦେ ଦୋଷ ଦେଇ
କପାଳ ଲେଖାକୁ ହୁଙ୍କା ପିଟି !!

ଦେହ ଥିଲେ ସ୍ୱର୍ଗ ବାସି
ଆପଣା ରାଇଜେ ହେବୁ ନାଶି
ଗଙ୍ଗା କୋଳେ ଯେତେ ଜନ
ପରତେ ଆପଣା ମୁକ୍ତି ଜାଣ !!

କଳଙ୍କ ଦେହକୁ ଥୋଇ ମନ
ଭବ ସାଗରେ ଲୋଭ ବାସେ
ମୁକ୍ତି ବାଟକୁ ଦେଖି କହୁଛି
କର୍ମ ପାପରେ ବୁଡ଼େ ଶରୀର !!

ସୂତା ଖିଅରେ ଜୀବନ ମୋର
ମୁକ୍ତି ଚାହେଁ ହରି ହର
ହାତ ଯୋଡ଼ି କରେ ଗୁହାରି
ଉଦ୍ଧାର କର ବିଶ୍ୱହରି !!

ଦେହ ଦେଖି ପାପ ଜାଣି ପାରୁନି
କ୍ଷଣିକ ସେଜରେ ବୁଡ଼େ ଯଉବନ
ଉଠି ଚାହିଁ ଦେଖେ ସରିଯାଏ
ସମୟ ଖେଳ ସମୟ ଚକ୍ର !!

ସଂସାର ସୁଖ ନା ରାଇଜ ସୁଖ
ଘରୁ ଚାହିଁ ଦେଲେ ଜୀବନ ଦୁଃଖ
ଅଳସ ପଣକୁ ଯାବୁଡ଼ି ଧରି
ମୁକ୍ତି ଚାହେଁ ବିଶ୍ୱହରି !!

ମାଟି ପଚାରି କହେ ଶୋଷିଥିଲୁ
ଯାହା ଦୁନିଆ ମୂଳକେନ୍ଦ୍ର କ'ଣ
ପାଇଲୁ କ୍ଷଣିକ ଠୋପାରେ
ଜୀବନ ଭସେଇ ଦେଲୁ !!

ଫୁଲ କୁସୁମ ମୁଖେ ହସି କହେ
ମୋ ବାସ୍ନା ରହେ ନାହିଁ ତୁ କି
ଦୁର୍ଲଭ ଜନ୍ମ ପାଇ ଟାପରା
ମାରି ରଖିଛୁ ନିଜ ପାଖେ !!

ବହି ପଡ଼ିଲା ପରି ତତେ ପଢ଼ି
ଦେବେ ମାପି ଚୁପି ତର ସମ
କର୍ମ ଆଳସ୍ୟରେ ଆଖି ଭିଜେ
ଦେହର ବଡ଼ିମା ଯେତେ !!

ଶ୍ରେଷ୍ଠ ଶ୍ରେଷ୍ଠ ବୋଲି ଜଗତ କହେ
ନିଜ କାମ କରି ଚାଲୁ
ନିଜ ସ୍ୱାର୍ଥ ଦେଖି ଦେଖି ଦୁନିଆ
ଦୁଃଖକୁ ମୁଁ ଭୂଲି ଯାଏ !!

ଧର୍ମ ପାଖେ ଥାଇ ଧର୍ମ ମାପି
ପାରେ ନାହିଁ ନିଜର ପୁଣ୍ୟ ର
କି ହିସାବ ରଖିବି ଭାଗ୍ୟ
ସହ ଉଚ୍ଚ ନିଚ୍ଚ ମାପିବି !!

ପ୍ରେମ ସିନା ମନରେ ଲୋଭ
ମାଂସର ବିକଳ ସ୍ୱାଦରେ
ଆତ୍ମା କହେ ପାପ କରନା
ମନ କ'ଣ ଶୋଷ ବୁଝେ !!

କିଏ ଦେଖି କହେ ଦେଖ ଯାକୁ
ବଞ୍ଚିବା ନା ରେ ଖାଉଛି
ଶରୀର ପଛେ ମାଟି ଦୁବ ହେବ
ନଥିବ ବଡ଼ିମା ନଥିବ ଚାତର !!

ଭାସି ଯାଉଛି ମୁଁ ବିଶ୍ୱହରି
ଢେଉ ଖେଳେ ଲୁଚି ଲୁଚି
ଦରିଆ ଦୁଃଖରୁ ଉଦ୍ଧାର କର
ଦୋଷ ଥିଲେ କ୍ଷମା କର ହରି !!

ବେଳ ଖେଳୁଛି ମୋ ସାଥେ ମଉଳି
ମଉଳି ଭବ ସାଗରରୁ ହାତଯୋଡ଼ି
ଡାକେ ବିଶ୍ୱହରି ପାପ ହାଟରୁ
ମୁକ୍ତି ଚାହେଁ ମୁଁ ହରି !!

+ ରାସୋଳ-ମୁଣ୍ଡିଆପଷ
ଢେଙ୍କାନାଳ
(ମୋ)-୯୯୩୭୬୫୨୫୦୪

## ଚିତ୍ର ଟିଏ

ତପନ ସାହୁ



ଚିତ୍ର ଟିଏ ଆଙ୍କୁ ଥିଲି
ଦେହ ଓ ଦାଗର
ମେଘ ଓ ମାଘର
ସେ ଦେହ ହୋଇ ଆସିଥିଲା
ଦାଗ ଦେଇ ଚାଲି ଗଲା
ସେ ଗଲା ପରେ
ତା ଦାଗ ଆଉ ଦାଗ ହୋଇ ନାହିଁ
ସ୍ମୃତି ଚିହ୍ନ ହୋଇ ଯାଇଛି !

ଚିତ୍ର ଟିଏ ଆଙ୍କୁ ଥିଲି
ନିଦ ଓ ସ୍ୱପ୍ନର
ମାଟି ଓ ବର୍ଷାର
ସେ ସ୍ୱପ୍ନ ହୋଇ ଆସିଥିଲା
ନିଦ ହଜେଇ ଚାଲିଗଲା
ସେ ଗଲା ପରେ
ତା ସ୍ୱପ୍ନ ଏବେ ସାପ୍ୟା ପ୍ରାୟ
ନିଦ ଓ ସ୍ୱପ୍ନ ସବୁ ହଜି ଯାଇଛି !

ଚିତ୍ର ଟିଏ ଅଙ୍କୁ ଥିଲି
ଦିନ ଓ ରାତିର
ପୂର୍ବ ଓ ପଶ୍ଚିମର
ସେ ଆଲୋକ ହୋଇ ଆସିଥିଲା
ଅନ୍ଧାର ଦେଇ ଚାଲିଗଲା
ସେ ଗଲା ପରେ
ତା ଭାଗର ଚନ୍ଦ୍ର ଗ୍ରହଣ,
ସୁର୍ଯ୍ୟ ପରାଗ
ସବୁ, ହଁ ସବୁ ମୁଁ ହିଁ ଭୋଗୁଛି !

ଚିତ୍ର ଟିଏ ଆଙ୍କୁ ଥିଲି
ରାଧା ଓ କୃଷ୍ଣର
ଗୋପ ଓ ଗୋପିର
ସେ କୃଷ୍ଣ ହୋଇ ଆସିଥିଲା
ପ୍ରେମ ଦେଇ ଚାଲିଗଲା
ସେ ଗଲା ପରେ
ଝୁରେ କଦମ୍ବ, ଝୁରେ ଯମୁନା
ଯଶୋଦା ଆଖିରେ ଲୁହ ଚୁନା ଚୁନା !

ଚିତ୍ରଟିଏ ଆଙ୍କୁ ଥିଲି
ତୁମର ଓ ମୋର
ଭାଗର ଓ ଭୋଗର
ସେ ମୋର ହୋଇ ଆସିଥିଲା
ଭାଗ ନେଇ ଚାଲିଗଲା
ସେ ଗଲା ପରେ
ମୁଁ ଭାଗରୁ ଭୋଗରୁ
ସବୁ ଭୋଗୁଛି
ତା'ର ବି ଭୋଗୁଛି, ମୋର ବି
ଭୋଗୁଛି !!!

+ ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି,
(ମୋ)୯୦୧୯୩୧୧୮୬୮

## ଅଦିନ ବରଷା

ଧ୍ରୁବ ଚରଣ ବେହେରା



ଅଦିନ ବରଷା କଲା ଛାର ଖାର
ଭରିଗଲା ବନ୍ୟା ଜଳ
ହାହାକାର ଦେଖ ଶୁଭିଲାଣି ଆସି
ନ ମିଳଇ ଥଳ କୂଳ ।।

ପାଣି ଭରି ଘରେ ଆଣ୍ଠୁଏ ହେଲାଣି
ଆସ ବାସ ଗଲା ବୁଡ଼ି
ପେଟକୁ ନ ମିଳେ ଶାଗ ଅନ୍ନ ଟିକେ
ବରଷା ଲାଗିଛି ଝଡ଼ି ।।

ତିନି ଦିନ ହେଲା ରାହା ତ ନେଉନି
ଅଦିନ ବରଷା ଝଡ
ଗାଆଁ ଠୁ ସହର ଦିଶେ ଜଳମଗ୍ନ
ପାଣିଘେରା ଲାଗେ ଗଡ ।।

ଜୀବଜନ୍ତୁ ମାନେ ଭୋକ ଉପସାରେ
ଆଉଟ ପାଉଟୁ ହୋଇ
ମନକୁ ଶୁଖାଇ ଦୁଃଖରେ ଭାଳନ୍ତି
ରକ୍ଷାକର ଭାବଗ୍ରାହୀ ।।

ବୁଡ଼ି ଗଲା ସବୁ ବିଲ ରାସ୍ତା ଘାଟ
ଟଳିଲାଣି କୋଠା ବାଡ଼ି
ଚାଷୀର କପାଳେ ପଡିଲା ଚଡକ
ଉଜୁଡ଼ିଲା କ୍ଷେତ ଧାଡ଼ି ।।

ହାଏରେ ବିଧାତା ଏକି ଅବିଚାର
ଦେଉ ଅଛୁ ଦୁଃଖ ଲଦି
କରୋନା କାଳରେ ଏହି ଅବଳରେ
ଦେଉଛୁ କଷଣ ଭେଦି ।।

ମଣିଷ ଆମେରେ ନୁହଁ ଲୁହାଖଣ୍ଡ
ସହିବୁ ମାଡ ପ୍ରହାର
ଅଦିନ ବରଷା କଷଣ ଘାତରେ
ହୋଇଲୁଣି ନାରଖାର ।।

ରଖ ଜଗନ୍ନାଥ ଏ ଧରା ଧାମରୁ
ଜଳମଗ୍ନ ଖାଲି ହେଉ
ସବୁରି ହୃଦରୁ ତୋ ନାମ ଶବଦେ
ବନ୍ୟା ଜଳ ଶୁଖି ଯାଉ
ରଖ ରଖ ମହାବାହୁ ।।

+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
(ମୋ)୮୩୨୮୯୩୦୫୫୪







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍କି (୧୭)

# ଦଶରଥଙ୍କ ଦୁଃଖ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପାଙ୍କ ରାମାୟଣ କଥା ଆରମ୍ଭ କଲେ। ପିଲାମାନେ, ମହାରାଜା ଦଶରଥ ଜଣେ ସୁଶାସକ ଥିଲେ। ତାଙ୍କ ରାଜ୍ୟର ଲୋକମାନେ ବହୁତ ଖୁସିରେ ରହୁଥିଲେ। ତାଙ୍କ ତିନି ରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କୁ ନେଇ ତାଙ୍କ ପାରିବାରିକ ଜୀବନ ବେଶ୍ ଭଲ ଥିଲା।

ଦଶରଥଙ୍କର କୈକେୟୀଙ୍କୁ ବର ପ୍ରଦାନ: ସଂପୂର୍ଣ୍ଣ ରାମାୟଣର କଥାବସ୍ତୁ ଆରମ୍ଭ ହୋଇଥିଲା କିଛି ଘଟଣାରୁ। ଆମେ ଧୀରେ ଧୀରେ ରାମାୟଣ କଥା ଅଧିକ ଜାଣିବା ଓ ତୁମେମାନେ ସବୁ ବୁଝି ପାରିବ।

ମହାରାଜା ଦଶରଥ ଜଣେ ପରାକ୍ରମୀ ରାଜା ଥିଲେ। ନିଜର ରାଜ୍ୟର ମଙ୍ଗଳ ଲାଗି ସେ ଅନେକ ଯୁଦ୍ଧ କରିଥିଲେ।

ଥରେ ତାଙ୍କ ଦେଶରେ ବର୍ଷା ହେଲା ନାହିଁ। ପ୍ରଜାମାନେ ବଡ଼ ହଇରାଣ ହେଲେ। ଏ କଥା ମହାରାଜା ଦଶରଥଙ୍କ କାନକୁ ଆସିଲା। ସେ ସଂଗେ ସଂଗେ ଇନ୍ଦ୍ରଙ୍କ ସଭାରେ ପହଂଚିଲେ ଓ ତାଙ୍କୁ ଯୁଦ୍ଧ କରିବାକୁ ଆହ୍ୱାନ କଲେ। ଇନ୍ଦ୍ର ମଧ୍ୟ ଦଶରଥଙ୍କ ସାଙ୍ଗରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ। ମାତ୍ର ଦେବତାଙ୍କ ଗୁରୁ ବୃହସ୍ପତି ଇନ୍ଦ୍ରଙ୍କୁ ଯୁଦ୍ଧ ନ କରିବାକୁ ଉପଦେଶ ଦେଲେ। ସେ ଇନ୍ଦ୍ରଙ୍କୁ କହିଲେ- ହେ ଦେବେନ୍ଦ୍ର, ଇନ୍ଦ୍ରଙ୍କ ପାଖରେ ଶବ୍ଦଭେଦୀ ବାଣ ଅଛି ଯାହାକୁ ଦେବତା-ମାନେ ମଧ୍ୟ ଅଟକାଇ ପାରିବେନି।

ଇନ୍ଦ୍ର ଓ ବୃହସ୍ପତିଙ୍କ ଉପଦେଶ ଗ୍ରହଣ କଲେ ଓ ଦଶରଥଙ୍କୁ ତାଙ୍କ କ୍ରୋଧର କାରଣ ପଚାରିଲେ। ତାଙ୍କ ଦେଶରେ ବର୍ଷା ନ ହେଉଥିବା କଥା ଦଶରଥ ଇନ୍ଦ୍ରଙ୍କୁ କହିଲେ। ଇନ୍ଦ୍ର ସବିନୟେ ଦଶରଥଙ୍କୁ କହିଲେ ଯେ ଶନିଙ୍କ କୋପ ଲାଗି ତାଙ୍କ ଦେଶରେ ବର୍ଷା ହେଉନି। ତେଣୁ ଦଶରଥ ଶନିଙ୍କ ସହିତ କଥା ହୁଅନ୍ତୁ।

ରଘୁକୁଳର ରାଜା ଦଶରଥ ତୁରନ୍ତ ଶନିଙ୍କ ପାଖକୁ ଯିବା ଆରମ୍ଭ କଲେ। ଶନିଙ୍କ କୋପରେ ତାଙ୍କର ଅଶ୍ୱମାନଙ୍କ ଦଉନି ପୋଡ଼ିଗଲା ଓ ଅଶ୍ୱମାନଙ୍କ ସହ ରଥ ତଳକୁ ଖସିବାକୁ ଆରମ୍ଭ କଲା।

ଦଶରଥ ଓ ତାଙ୍କ ରଥକୁ ରକ୍ଷାକଲେ ପକ୍ଷୀ ଜଟାୟୁ। ଜଟାୟୁ ଓ ଦଶରଥଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହେଲା।

ଦଶରଥ ପୁଣିଥରେ ଶନିଙ୍କ ଆଡ଼କୁ ଯାତ୍ରା ଆରମ୍ଭ କଲେ। ଏ କଥା ଶନି ଦେବତା ଜାଣି ଆଶ୍ଚର୍ଯ୍ୟ ହେଲେ ଓ ଏ କଥା ଜାଣିଲେ ଦଶରଥ ସୂର୍ଯ୍ୟବଂଶର ରାଜା। ତାଙ୍କ ପରାକ୍ରମ କମ୍ ନୁହେଁ। ସେ ଦଶରଥଙ୍କ ପ୍ରତି ପ୍ରସନ୍ନ ହେଲେ ଓ ଦଶରଥଙ୍କୁ କହିଲେ-ଏଣିକି ତୁମ ରାଜ୍ୟରେ ଠିକ୍ ଭାବରେ ବର୍ଷା ହେବ। ତେଣୁ ତୁମେ ଅଯୋଧ୍ୟା ଫେରିଯାଅ।

ପିଲାମାନେ, ମହାରାଜା ଦଶରଥ ଅଯୋଧ୍ୟାକୁ ଫେରିଆସିଲେ। ଅଯୋଧ୍ୟାରେ ବର୍ଷା ଆରମ୍ଭ ହେଲା ଓ ପ୍ରଜାମାନଙ୍କର ଦୁଃଖ ଦୂର ହେଲା।

ରାଜା ଦଶରଥ ତାଙ୍କ ରାଣୀ କୈକେୟୀଙ୍କୁ ଦୁଇଟି ବର ଦେଇଥିଲେ। ଏବେ ଚାଲ ଜାଣିବା- ସେ ବର କାହିଁକି ଦେଇଥିଲେ।

ଦଶରଥଙ୍କ ସମୟରେ ଏକ ମହାପ୍ରତାପୀ ଅସୁର- ଶମ୍ବର ଅସୁର ଲୋକମାନଙ୍କୁ ବହୁତ କଷ୍ଟ ଦେଉଥିଲା। ତାର ପ୍ରତାପ ଏତେ ଅଧିକ ଥିଲା ଯେ ସେ ସ୍ୱର୍ଗକୁ ଯାଇ ଦେବତାମାନଙ୍କୁ ମଧ୍ୟ ହଇରାଣ କରିବା ଆରମ୍ଭ କଲା। ତାର ଅତ୍ୟାଚାର ସହିନପାରି ଇନ୍ଦ୍ର ମହାରାଜା ଦଶରଥଙ୍କ ପାଖକୁ ଆସିଲେ ଓ ମାୟାବୀ ସମ୍ବରାସୁରକୁ ମାରିବାକୁ ଅନୁରୋଧ କଲେ।

ଇନ୍ଦ୍ରଙ୍କ ଅନୁରୋଧରେ ରାଜା ଦଶରଥ ସଂଗେ ସଂଗେ ସୈନ୍ୟ ସାମନ୍ତଙ୍କୁ ନେଇ ସମ୍ବରାସୁର ସହିତ ଯୁଦ୍ଧ ଆରମ୍ଭ କଲେ। ସମ୍ବରାସୁର ମାୟାବୀ ଥିଲା ଓ ପ୍ରବଳ ପରାକ୍ରମୀ ଥିଲା। ସେ ଦଶରଥଙ୍କୁ କ୍ଷତାକ୍ତ କଲା। ଶେଷକୁ ଦଶରଥ ଶବ୍ଦଭେଦୀ ବାଣ ପଠାଇ ସମ୍ବରାସୁରକୁ ବଧ କଲେ। ଯଦିଓ ଯୁଦ୍ଧରେ ସମ୍ବରାସୁରର ମୃତ୍ୟୁ ହେଲା, ଦଶରଥ ଯୁଦ୍ଧରେ ବହୁତ କ୍ଷତାକ୍ତ ହୋଇଥିଲେ ଓ ବହୁତ ପୀଡ଼ା ପାଉଥିଲେ।

ଏହି ସମୟରେ ରାଣୀ କୈକେୟୀ ଜଡ଼ିବୁଟି ପ୍ରୟୋଗ କରି ଦଶରଥଙ୍କୁ ତୁରନ୍ତ ପୀଡ଼ା ମୁକ୍ତ କଲେ। ରାଜା ଦଶରଥ ରାଣୀଙ୍କ ସେବାରେ ବହୁତ ଖୁସିଥିଲେ ଓ କୈକେୟୀଙ୍କୁ ଗୋଟେ ବର ଦେବାକୁ କହିଲେ। କୈକେୟୀ ଦାସୀ ମନ୍ଥରା କଥା ମାନି କହିଲେ ଯେ ସେ ଉପଯୁକ୍ତ ସମୟରେ ବର ମାଗି ନେବେ। ଦଶରଥ ଏ କୁଟିଳ କଥା ବୁଝିପାରିଲେନି। ସେ 'ତଥାସ୍ତୁ' କହିଲେ।

ଥରେ ଦଶରଥଙ୍କ ପାଦ ଆଙ୍ଗୁଠିରେ ଗୋଟେ ବ୍ରଣ ବାହାରିଲା। ତାହା ରାଜାଙ୍କୁ ବହୁତ ପୀଡ଼ା ଦେଲା। ଦଶରଥ ବହୁତ କଷ୍ଟ ପାଇଲେ। ରାଜ୍ୟର ବୈଦ୍ୟ ଓ କବିରାଜମାନେ ଅନେକ ଚେଷ୍ଟା କଲେ। ମାତ୍ର ବ୍ରଣ ପୀଡ଼ା କମିଲାନି।

ସେହି ସମୟରେ ଦଶରଥଙ୍କୁ ପାଖରେ ଧନ୍ୱନ୍ତରୀଙ୍କ ପୁତ୍ର ପହଂଚିଲେ ଓ ସେ ରାଜାଙ୍କୁ ଦୁଇଟି ଉପାୟ କହିଲେ ଯେଉଁଥିରେ ତାଙ୍କର ପୀଡ଼ା ଦୂର ହେବ। ପ୍ରଥମ ଉପାୟ ରାଜା ଘୃଣା ନକରି ଶାମୁକା ଶସକୁ ଖାଇବେ। ଦ୍ୱିତୀୟ ଅନ୍ୟ କେହି ଯଦି ବ୍ରଣକୁ ଚୁଚୁମିବ।

ରାଣୀ କୈକେୟୀ ସେଠାରେ ଉପସ୍ଥିତ ଥିଲେ। ସେ କିଛି ଚିନ୍ତା ନକରି ସଂଗେ ସଂଗେ ଦଶରଥଙ୍କ ବ୍ରଣରେ ମୁହଁ ଲଗାଇ ଦେଲେ ଓ ପୂଜ ରକ୍ତକୁ ଶୋଷି ନେଲେ। ସଂଗେ ସଂଗେ ଦଶରଥଙ୍କ ପୀଡ଼ା କମିଗଲା। ରାଜା ଦଶରଥ ବହୁତ ଖୁସି ହେଲେ। ସେ କୈକେୟୀଙ୍କୁ ଆଉ ଗୋଟେ ବର ଦେବାକୁ ଚାହିଁଲେ। ଆଗଥର ପରି କୈକେୟୀ ଦାସୀ ମନ୍ଥରା ବୁଦ୍ଧିରେ ପଡ଼ି 'ବର' ଉପଯୁକ୍ତ ସମୟରେ ମାଗି ନେବେ ବୋଲି କହିଲେ। ଦଶରଥ କହିଲେ ତଥାସ୍ତୁ।

ମହାରାଜା ଦଶରଥଙ୍କ ବୟସ ବଢ଼ି ଚାଲିଲା। ମାତ୍ର ସେ ପୁତ୍ରହୀନ ଥିଲେ। ତାଙ୍କର ଗୋଟେ କନ୍ୟା ଥିଲା। ଯାହାଙ୍କର ନାମ ଥିଲା ଶାନ୍ତା। ମାତ୍ର ତାଙ୍କ ପରମମିତ୍ର ରାଜା ଲୋମପାଦ ଶାନ୍ତାଙ୍କୁ ବାଲ୍ୟାକାଳରୁ ଶାନ୍ତାଙ୍କୁ ନିଜ କନ୍ୟା କରି ନେଇଯାଇଥିଲେ।

ଅଯୋଧ୍ୟା ଧନଧାନ୍ୟ ସୁଖ ଶାନ୍ତିରେ ଭରପୂର ଥିଲା। ପ୍ରଜାମାନେ ଖୁସୀରେ ଥିଲେ। ମାତ୍ର ଦଶରଥଙ୍କ ମନରେ ଖୁସି ନଥିଲା। ପୁତ୍ର ନଥିବାରୁ ସେ ସର୍ବଦା ଦୁଃଖୀ ହୋଇ ରହୁଥିଲେ।

ଆଉ ସବୁ କଥା ଆରଥରକୁ। ଆଜି ଏତିକି। ମିନା ଅପା ସେଦିନ ତାଙ୍କ କଥା ସାରିଲେ।

(କ୍ରମଶଃ)

+(ମୋ) ୯୯୮୦୩୦୦୭୫୧

## ଆମେ ଭାଇ ଭଉଣୀ.....

### ରମେଶ ଚନ୍ଦ୍ର ନାୟକ



ଆମେରେ ଦୁହେଁ ଭାଇ ଭଉଣୀ
ଗୋଟିଏ ମାଆଠୁ ଜାତ
ଏକାଠି ଖାଉ ଏକାଠି ଖେଳୁ
ନାହିଁତ ଭାବନା ଭେଦ ।

ଆମେରେ ଦୁହେଁ ନୀଳ ଆକାଶେ
ସୂରୁଜ ଆଉ ଚାନ୍ଦ
ବାପା ମାଆଙ୍କୁ ସମ୍ମାନ ଦେଉ
ନରଖି କପଟ ଛନ୍ଦ ।

ବାପା କାନ୍ଧେଇ ନେଲେ ବୁଲେଇ
ମାଆ କାଖେଇ ଦେଲେ ଖୁଆଇ
ଖାଇ ଦେଉ ସବୁ ଭାତ ।

ଆମେରେ ଦୁହେଁ ଦୁଇଟି ଫୁଲ
ଗୋଟିଏ ଗଛରେ ଝୁଲୁ
ଏକାଠି ବସି ମାଆ କୋଳରେ
ଟୁଆଁ ଟୋଇଁ ଗପ ଶୁଣୁ ।

ପିଠିରେ ମାଆ ଦେଲେ ଆଉଁସି
କାନି ପଣତେ ମୁହଁଟି ଖୋସି
ଶୋଇଯାଉ ଶୁଣି ଗୀତ ।

ଆମେରେ ଦୁହେଁ ଠାକୁର ଘରେ
ଗଣେଶ ସରସ୍ୱତୀ
ପୁସ୍ତକ ଆମ ଉତ୍ତମ ବନ୍ଧୁ
ପଢୁତ ତାକୁ ନିତି ।

ପାଖରେ ଆମ ଗୁରୁଜୀ ରହି
ଅବୁଝା ପାଠ ଦେଲେ ବୁଝାଇ
ଭୟ ହୁଏ ଦୂରୀଭୂତ ।

ଆମେରେ ଦୁହେଁ ମାଟି ମା କୋଳେ
ଝରଣା ଆଉ ନଈ
ଦୁଃଖକୁ ଶୋଷି ସୁଖ ପସରା
ଦୁନିଆକୁ ଥାଉ ଦେଇ ।

ଆସଇ ଯେବେ ଜୀବନେ ବାତ୍ୟା
ଭାଇ ହାତରେ ରେସମୀ ସୂତା
ରକ୍ଷା କରେ ଜଗନ୍ନାଥ ।

କେଶରପୁର , ବକ୍ସି ବଜାର , କଟକ ।
ମୋ: ୭୯୭୮୧୫୧୭୧୦.

## କବିତା
ତୁମ ପାଇଁ



### ବିଲୁଆ ବିଚାର

#### ସୁଧାକର ସେଠୀ

ହାତୀ ଘୋଡାଙ୍କ ବସିଲାମେଳି
କିଏ ହେବ ଜଙ୍ଗଲ ରାଜା
ଯୁଦ୍ଧ ଖେତ୍ରରେ ଆଗୁଆ ଦିହେଁ
ବାକି ସବୁ ହେବେ ପରଜା।

କେତେ ଅସ୍ତ୍ରଶସ୍ତ୍ର ଧରି ଦୌଡୁଛୁ
ବାଘ ଭାଲୁକି ପାରିବେ
ସିହଂତସିନା ରାଜା ହେଇଛି
କିଛି ବୁଦ୍ଧିନାହିଁ ତା ମୁଣ୍ଡରେ।

ଘୋଡା କହିଲା ହାତୀ ମଇତ୍ର
ତୁମେ ହୁଅ ରଜା ଆମର
ବିଶାଳ ବପୁ ଦେଖିବ ଯିଏ
ଭୟରେ କରିବ ଜୁହାର।

ହାତୀ କହିଲା ଘୋଡା ଭାଇନା
କଥାଟି କହିଲୁ ଖାସା
ରାଜା ହେଲେ ମୁଁ ତୁମ ମୁଣ୍ଡରେ
ପାଗ ଭିଡିବି ପକ୍କା।

ଦିହେଁ ହେବା ରାଜା ମନ୍ତିରୀ
ଜଙ୍ଗଲ ହେବ ଆମର
ଶତ୍ରୁ ସୈନିକ ଆମକୁ ଦେଖି
ମାଡିବେନି ଆମ ଦୁଆର।

ଏମିତି ଚାଲିଛି ବିଲୁଆ ବିଚାର
ଥୋକେ ପଶୁଙ୍କ ସହିତ
ପଞ୍ଚ ବରଷିଆ ଯୋଜନା ବି
ହୋଇ ସାରିଛି ପାରିତ ।

କୋଉଁଠି ଥିଲା ସିଂହବାପୁଡା
ମାରିଲା ଗୋଟେ ରଡି
ଯିଏ ଯେଉଁଠି ଥିଲେ ସେଇଠି
ସେ ସ୍ଥାନ ଦେଲେ ଛାଡି।

ଘୋଡା କହିଲା ଲାଙ୍ଗୁଡ ଯାକି
ମୋର ଅଛି ଗୋଟେ କାମ
ଘୋଡାର ଏମିତି ଅବସ୍ଥା ଦେଖି
ଭଜିଲା ହାତୀ ରାମ ନାମ।

ଓଟ ବାପୁଡା ସେନାପତି ହେବ
ପାଗକୁ ନେଇଥିଲା ଭିଡି
ରାଜା ମନ୍ତୀରିଙ୍କ ଅବସ୍ଥା ଦେଖି
ଧାଇଁଲା ଜାଗା ସେ ଛାଡି ।

ଦୂରେ ବସି ଚତୁର ବିଲୁଆ
କହିଲା ପଦିଏ କଥା
ବିରି ମାଡଦେଖି କୋଳଥ ଚୋପା
ନୁହେଁ ସେ କଥା ଅନ୍ୟଥା ।

+ଜଲେଶ୍ୱରପୁର,ବାଲେଶ୍ୱର
ମୋ: ୯୩୩୭୬୮୧୫୨୪

### ପିଙ୍କିପାଇଁ ନାନାବାୟା ଗୀତ

#### ନୀଳମଣି ଚାନ୍ଦ

ଡବାରେ ଥିଲା ଚେରି
ଦେଖିଲେ ପିଲେ ଘେରି
ରଙ୍ଗଟି ତା'ର ଲାଲ୍
ଖାଇଲା ପିଙ୍କି ପାଲ୍
କହିଲା ମିଠା ଭାରି
ଆଈ କହିଲେ ହେବରେ ଖିରି
ଦେଏନା ସବୁ ସାରି।
ଡବାରେ ଥିଲା କାଜୁ
ଦେଖିଲା ତା'କୁ ରାଜୁ
ହାତରେ ଦେଲା ଧରି
ତା ରଙ୍ଗ ଘିଅ ପରି
ସୁଆଦିଆ ତ ଲାଗେ
କାଜୁଟା ଭଲ ଦେହ ପାଇଁରେ
ପିଙ୍କିଟା ଆସି ମାଗେ।
ଆଉ କରନା ଡେରି
ପିମ୍ପୁଡ଼ି ଯିବେ ଘେରି
ଦି ଦିଇଟା ଖାଅ
ଗୀତ ତିନିଟା ଗାଅ
ବାଜିଲାଣି ତ ଛଅ
ବହିଟି ଧରି ପଢ଼ରେ ପାଠ
ଉଠିବ ହେଲେ ନଅ।

+୨୭, ମନ୍ତ ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ପିଲାଙ୍କ ଉପନ୍ୟାସ : ଭାଗ-୨୦

### ପୀତାମ୍ବରୀ ଦାଶ

# ପାଗଳାବାବାଙ୍କ ଟାଇମ୍ ମେସିନ୍



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟିନି ପୁଣି କହିଲା -ହଁ ... ଆଉ ଗୋଟେ ଛୋଟ ଅନୁରୋଧ କରିବି, ମନୀଷ ଦୁଃଖିତଃ ହୋଇ କହିଲା -ଟିନି, ଏମିତି କଣ କହୁଛ । ଆମ ପାଖରେ ଅନୁରୋଧ କରିବା କହି ଆମକୁ କୃତଘ୍ନ କରିଦିଅନା । ବରଂ ଆମକୁ ଆଦେଶ ଦିଅ ତମ ଆଦେଶ ଆମେ ନିଶ୍ଚୟ ପାଳନ କରିବୁ ଗୁରୁ ମନ୍ତ୍ର ଭଳି । ଟିନି ହସିହସି କହିଲା -ଠିକ୍ ଅଛି ଏଇଟା ମୋର ଅନୁରୋଧ ନୁହେଁ କି ଆଦେଶ ନୁହେଁ । ଏକ ଛୋଟ ବାର୍ତ୍ତା ତୁମ ମାଧ୍ୟମରେ ତୁମ ସମୟର ପୃଥିବୀକୁ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏତେଟା ଲୋଭାଶକ୍ତ ହୁଅନା । ପୃଥିବୀକୁ ନିଷ୍ଠୁର ଭାବରେ ଅତ୍ୟାଚାର କରନା ଜୈବିକ ଅସ୍ତ୍ରଶସ୍ତ୍ର ପରୀକ୍ଷାନିରୀକ୍ଷା ଓ ପ୍ରୟୋଗରୁ ନିବୃତ ରୁହ । ପୃଥିବୀର ପରିବେଶକୁ ଏମିତି ଆଉ ପ୍ରଦୂଷିତ କରନା । ପୃଥିବୀ ତ ସର୍ବସହାଂ । ସେ ତୁମକୁ କ୍ଷମା ଦେଇପାରେ ମାତ୍ର ସମୟ ତୁମକୁ କ୍ଷମା ଦେବନି ଜଳ-ଖାଦ୍ୟ ବିହୀନ ଦୁନିଆରେ ଜହର ତୁଲ୍ୟ ବାୟୁ ସେବନ କରିବାକୁ ପଡିବ । ଏପରି ଘଟିବା ପୂର୍ବରୁ ତୁମ ସମୟର ବିଶ୍ୱବାସୀ ନିଜକୁ ସୁଧାରି ନିଅନ୍ତୁ । ପ୍ରତ୍ୟେକ ଶାସକ ହେବାର ନିଶା ଛାଡି ଶାସିତ ହେବାର ପେସାକୁ ଆପଣେଇ ନେଲେ ଭଲ । ଅହଂ ଭାବ, ବଡପଣ , ଯସପ୍ରାପ୍ତିର ମୋହ କମିଯିବ ବିଶ୍ୱର ପ୍ରତି କୋଣ ଅନୁକୋଣରେ ଥିବା ମଣିଷ ମଧ୍ୟରେ ଥିବା ଜାତି-ଧର୍ମ-ବର୍ଣ୍ଣ ଆଉ ଧନୀ - ଗରିବର ଦୂରତା କମିଯିବ । ସମସ୍ତେ ଆପଣାର ମନେହେବେ ପରସ୍ପର ମଧ୍ୟରେ ଆଉ ଇର୍ଷା ପରଶ୍ରୀକାତରତା ଭାବ ରହିବ ନାହିଁ । ମିଳିମିଶି ଚଳିବେ ଆଉ ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା କରିପାରିବେ । ସମୟର ସଦୁପୋଯୋଗ ନ କଲେ ସେ ଆଦୌ କ୍ଷମାଦେବନି ସମୟର ଅନ୍ୟ ନାମ କାଳ । ଆଉ ଏହି କାଳ ମହାକାଳ ସାଜିଲେ ତା କବଳରୁ କେହି ରକ୍ଷା ପାଇବେନି।

ଟିନି ଆଉ କିଛି କହିଥାନ୍ତା । ହଠାତ୍ ଶ୍ରୁତି କଟୁ ସିଗ୍ନାଲ ତା' ଗବେଷଣାଗାରରେ ପ୍ରତିଧ୍ୱନିତ ହେଲା । ତା ହାତର ରେଡ୍ ଲାଇଟ ଧପଧପ ହେଇ ଜଳିଉଠିଲା । ଏ ଥିଲା ଆଗତ ବିପଦର ସଂକେତ । ଟିନିର ମୁଖଭଙ୍ଗୀ ବଦଳିଗଲା । ବ୍ୟସ୍ତ ଭାବରେ ସେ କହିଲା - ବନ୍ଧୁ ମତେ ବି ତମ ସହ କଥା ହେବାକୁ ଭଲ ଲାଗୁଥିଲା । ଆମ ସମୟ ମତେ ସେତିକି ସୁଯୋଗ ଦେଉନି । ପ୍ରଫେସର୍‌ଙ୍କ କେତେକ ସାଇଟିଂଷ୍ଟ ଏଠାକୁ ଆସିବାର ସୂଚନା ମିଳୁଛି । ସେମାନେ କିଛିଟା ସୁରାକ୍ ପାଇଯାଇଛନ୍ତି । ତୁମେ ଆଉ ବିଳମ୍ବ କରନା ଟାଇମ୍ ମେସିନ୍‌ରେ ବସିପଡ । ମନୀଷ ଆଉ ସୋମୁ ଟିନିର ହାତ ଧରି ଖୁସିରେ କାନ୍ଦି ପକାଇଲେ । କୃତଜ୍ଞତାରେ ତାଙ୍କ ମୁଣ୍ଡ ନଇଁଗଲା ସେଇ ଛୋଟ ପାଦ ଦୁଇଟି ତଳେ । ଟିନିର କଣ୍ଢେଇ ଆଖିରୁ ବି ଝରିପଡିଲା ଦିଠୋପା ଲୁହ । ସେ ତରବରରେ ସେମାନଙ୍କୁ ଠେଲିନେଇ ଟାଇମ୍ ମେସିନ୍‌ରେ ପୁରାଇ ଦେଲା ଆଉ ମନୀଷକୁ ସତର୍କ କରି କହିଲା - ତୁମେ ଟାଇମ୍ ମେସିନରେ କୌଣସି ହ୍ୱିଲ୍‌କୁ ଟଚ୍ କରିବନି । ମୁଁ ରିମୋଟ୍ କଂଟ୍ରୋଲ୍ ମାଧ୍ୟମରେ ଟାଇମ୍‌ମେସିନ୍‌କୁ ତୁମ ଗନ୍ତବ୍ୟ ସ୍ଥଳରେ ପଂହଚାଇ ଦେବି । ଏକ ସବୁଜ ହାଲୁକା ଚାଦର ଘୋଡାଇ ଦେଲା ସାରା ମେସିନ୍ ଉପରେ । ମନୀଷ ଓ ସୋମୁ ତାକୁ ଆଉ ଦେଖି ପାରିଲେ ନାହିଁ । ମନୀଷ କହିଲା - ଏ କଣ ....ଆମେ ତ ଆଉ ତୁମକୁ ଦେଖିପାରୁନୁ ! ଟିନି କହିଲା - ମୁଁ ବି ତୁମକୁ ଦେଖିପାରୁନି । ଏଇଟା ଏକ ଅଦୃଶ୍ୟ ଆସ୍ତରଣ । ପ୍ରଫେସର୍ ଓ ତାଙ୍କ ସାଇଂଟିଷ୍ଟ୍ ଟିମ୍‌ର ଦୃଷ୍ଟି ଆଢୁଆଳରେ ଲୁଚାଇ ରଖିବ । ତୁମେ ନିର୍ବିଘ୍ନରେ ତୁମ ସମୟରେ ପଂହଚିଯିବ ।

ଟିନି ତା ହାତ ଓାଚ୍‌ର ସୁଇଚ୍ ଅନ୍ କଲା । ତାହା ଫୋଲ୍‌ଡିଙ୍ଗ ଛତା ପରି ଖୋଲିଗଲା । ସେଥିରେ ଥିବା ନୀଳ ଓ ନାରଙ୍ଗୀ ରଙ୍ଗର ଦୁଇଟି ସୁଇଚ୍‌କୁ ସେ ଏକା ସାଙ୍ଗରେ ଚିପି ଧରିଲା । ମନୀଷ ଓ ସୋମୁ ଟାଇମ୍ ମେସିନରେ ଅର୍ନ୍ତର୍ଦ୍ଧାନ ହୋଇଗଲେ ।

୧୦- ମନୀଷ ଓ ସୋମୁର ପ୍ରତ୍ୟାବର୍ତ୍ତନ

ସମୟ ଗତିଶୀଳ । ଚାହୁଁଚାହୁଁ ଦୁଇମାସ ବିତିଗଲାଣି । ସୋମୁ ଓ ମନୀଷ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ମନୀଷର ମାମୁ ସଂଗ୍ରାମ ବାବୁ ଆଉ ପାଗଳାବାବା ଏକା ଜାଣନ୍ତି ତାଙ୍କ ଅନ୍ତର୍ଦ୍ଧାନର ଅସଲ ରହସ୍ୟ ।

ମନୀଷ ଓ ସୋମୁ ସ୍କୁଲରୁ ଘରକୁ ନ ଫେରିବାରୁ ସମସ୍ତେ ସେ ଦୁହିଁଙ୍କୁ ଖୋଜାଖୋଜି କଲେ । ଦିନ ପରେ ଦିନ ବିତିଗଲା । ଅଧିକାଂଶ ଲୋକ ଭାବୁଥିଲେ ସେ ଦୁହିଁଙ୍କୁ ପିଲାଧରା ନେଇଯାଇଛି । ପୋଲିସରେ ମଧ୍ୟ ଏଫ୍ ଆଇ ଆର୍ ଦର୍ଜ କରାଯାଇଥିଲା ।

(କ୍ରମଶଃ)

+ ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# କୁହୁକ ମାଠିଆ





### ରମାକାନ୍ତ ଦାସ

ନାରାୟଣପୁର ଗ୍ରାମରେ କୃପାସିନ୍ଧୁ ନାମକ ଜଣେ ଗରିବ କୁମ୍ଭାର ଓ ତାଙ୍କର ପତ୍ନୀ ମାଳତୀ ବାସ କରୁଥିଲେ । ମାଟିରେ ମାଠିଆ ତିଆରି କରି ମାଠିଆକୁ ବଜାରରେ ବିକି ବହୁତ ଖୁସିରେ ରହୁଥିଲେ ।

ଦିନକର କଥା କୃପାସିନ୍ଧୁ ସକାଳୁ ଉଠି ମାଠିଆ ଗୁଡିକ ଅଗଣାରେ ସଜାଇକି ରଖିଥାନ୍ତି। ଅପେକ୍ଷା କରି ରହିଥାନ୍ତି ଗାଡିକୁ କେତେବେଳେ ଗାଡି ଆସିବ ଓ ସେ ତାଙ୍କର ମାଠିଆ ଗୁଡିକୁ ବିକିବେ । ନଈରୁ ପାଣି ଆଣି ଘରକୁ ଫେରୁଥାନ୍ତି ମାଳତୀ । କୃପାସିନ୍ଧୁଙ୍କ ପାଖକୁ ଆସି କହିଲେ । ତମେ ସକାଳୁ କିଛି ଖାଇନ ଆସ କଣ ଦିଟା ଖାଇଦେବ । କୃପାସିନ୍ଧୁ କହିଲେ ନା ମୁଁ ଆଗେ ଏ ମାଠିଆ ଗୁଡିକ ବିକ୍ରି କରି ସାରିବି ତାପରେ ବସି ଖୁସି ମନରେ ଖାଇବି । କୃପାସିନ୍ଧୁଙ୍କ ଘର ବାଟଦେଇ ଆସୁଥାନ୍ତି ନାରାୟଣପୁର ଗ୍ରାମର ମୁଖିଆ ଓ ତାଙ୍କର ଗୁମାସ୍ତା। କୃପାସିନ୍ଧୁଙ୍କ ଅଗଣାରେ ପହଞ୍ଚି ଦେଖିଲେ ସୁନ୍ଦର ସୁନ୍ଦର ମାଠିଆ ସଜା ହୋଇ ଥୁଆ ହୋଇଛି । ସୁନ୍ଦର ସୁନ୍ଦର ମାଠିଆ ଗୁଡିକୁ ଦେଖି ମୁଖିଆ ଜଣକ କୃପାସିନ୍ଧୁଙ୍କର ବହୁତ ପ୍ରଶଂସା କଲେ ଓ କହିଲେ ମତେ ୨ଟି ମାଠିଆ ଦିଅ। ମୁଁ ସେ ମାଠିଆ ୨ଟିରେ ପାଣି ରଖି ପିଇବି। ଏ କଥା ଶୁଣି କୃପାସିନ୍ଧୁ କହିଲେ ନାଇଁ ଆଜ୍ଞା ମୁଁ ଏ ମାଠିଆରୁ ଆପଣଙ୍କୁ ଗୋଟେ ବି ଦେଇ ପାରିବିନି। ଏ ମାଠିଆ ଗୁଡିକୁ ମୁଁ ବିକ୍ରି କରିବା ପାଇଁ ଆଉ ଜଣେ ବେପାରୀଙ୍କୁ କଥା ଦେଇ ସାରିଛି। ସେ ଏବେ ଗାଡି ଆଣି ଆସୁଛନ୍ତି। ଏ କଥା ଶୁଣି ଗୁମାସ୍ତା ଜଣକ କହିଲେ 'କଣ ହେଲା ତୋର ଏତେ ସାହସ, ତୁ ମୁଖିଆଙ୍କ ମୁଁହରେ ଜବାବ ଦଉଛୁ'। ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ଆଜ୍ଞା ମୁଁ ଆପଣଙ୍କୁ ୨ଟି ମାଠିଆ ଦେଉଛି । ଗାଡି ଆଣି ଆସୁଥିବା ବେପାରୀଙ୍କୁ ମୁଁ ବୁଝେଇଦେବି। ଏ କଥା କହି ୨ଟି ମାଠିଆ ମୁଖିଆଙ୍କ ହାତକୁ ଦେଇଦେଲେ କୃପାସିନ୍ଧୁ ଓ କହିଲେ ଆଜ୍ଞା ୨ଟି ମାଠିଆର ମୂଲ୍ୟ ଅଶି ଟଙ୍କା ଆପଣ ମତେ ମୋ ମାଠିଆର ମୂଲ୍ୟ ଦିଅନ୍ତୁ । କୃପାସିନ୍ଧୁଙ୍କ କଥା ଶୁଣି ମୁଖିଆ ଜଣକ କ୍ରୋଧ ହୋଇ କହିଲେ 'ତୋର ଏତେ ସାହସ ତୁ ମତେ ପଇସା ମାଗୁଛୁ' । କୃପାସିନ୍ଧୁ କହିଲେ ଆଜ୍ଞା ମୁଁ ମୋ ପେଟପୋଷିବା ପାଇଁ ଦିନ ରାତି ଖଟି ଏ ସବୁ ମାଠିଆ ତିଆରି କରୁଛି। ଆପଣ ମତେ ମୋ କର୍ମର ମୂଲ୍ୟ ଦିଅନ୍ତୁ । ଏ କଥା ଶୁଣି ମୁଖିଆ ଓ ଗୁମାସ୍ତା ରାଗି ଯାଇ ସଜାହୋଇଥିବା ସବୁ ମାଠିଆକୁ ଭାଙ୍ଗିଦେଲେ ଓ କହିଲେ ତୋ ଘର ଆଗରେ ମୁଁ ଯେମିତି ନ ଦେଖେ ଯେ ତୁ କେବେ ମାଠିଆ ଗଢୁଛୁ ଯଦି କେବେ ଦେଖେ ତ ତୋର ସବୁ ମାଠିଆ ମୁଁ ଭାଙ୍ଗିଦେବି। ଏ ସବୁ ଦେଖି କୃପାସିନ୍ଧୁ ଓ ତାଙ୍କର ସ୍ତ୍ରୀ ବହୁତ କାନ୍ଦିଲେ । କିଛି ସମୟ ପରେ ବେପାରୀ ଜଣକ ଆସି କୃପାସିନ୍ଧୁଙ୍କ ଘର ପାଖରେ ଗାଡି ରଖି କୃପାସିନ୍ଧୁ ମାଠିଆ ଦେବା କଥା କହିଲେ। କୃପାସିନ୍ଧୁ ବେପାରୀଙ୍କୁ ହାତ ଯୋଡି କହିଲେ ଦେଖନ୍ତୁ ଆଜ୍ଞା ଆମ ଗ୍ରାମର ମୁଖିଆଙ୍କୁ ମୁଁ ମୋ ମାଠିଆର ପଇସା ମାଗିବାରୁ ସେ ସବୁ ମାଠିଆକୁ ଭାଙ୍ଗି ଦେଇଛନ୍ତି । ଆପଣ ମତେ ୨ଦିନ ସମୟ ଦିଅନ୍ତୁ ମୁଁ ଦିନ ରାତି ପରିଶ୍ରମ କରି ଆପଣଙ୍କୁ ନୂଆ ମାଠିଆ ତିଆରି କରିଦେବି । ଏ କଥା ଶୁଣି ବେପାରୀ ଜଣଙ୍କ ଗାଡି ନେଇ ପଳେଇଲେ ।

କୃପାସିନ୍ଧୁ କାନ୍ଦି କାନ୍ଦି ଯାଇ ନାଗ ଦେବୀଙ୍କୁ ପ୍ରାର୍ଥନା କଲେ ଓ କହିଲେ 'ମା ମୋର ଦୁଃଖ ଦୂର କର ମା, ଯଦି ମୁଖିଆ ମୋ ମାଠିଆ ସବୁ ଭାଙ୍ଗିଦେବେ ତ ମୁଁ କେମିତି ଚଳିବି । ଏ କଥା ଶୁଣି ସ୍ୱୟଂ ମା ନାଗଦେବୀ ପ୍ରକଟ ହୋଇ କହିଲେ -'ମୁଁ ତୋର ଦୁଃଖ ସବୁ ବୁଝିପାରୁଛି, ମୁଁ ତତେ ଆଶୀର୍ବାଦ କରୁଛି ତୁ ଯଉ

ମାଠିଆ ଗୁଡିକ ତିଆରି କରିବୁ ସେ ସବୁ ମାଠିଆ ଗୁଡିକ ଜୀବନ ପାଇଯିବ ଓ ତାକୁ କେହିବି ଭାଙ୍ଗି ପାରିବେନି । ଏ କଥା ଶୁଣି କୃପାସିନ୍ଧୁ ନାଗଦେବୀଙ୍କ ପାଖରେ ଥିବା କିଛି ମାଟି କୁ ଆଣିଲେ । ଜୟ ମା, ଜୟ ମା କହି ଘରକୁ ଫେରିଲେ ।

ତା ପରଦିନ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି କୃପାସିନ୍ଧୁ କହିଲେ । ହଉ ମାଠିଆ ତିଆରି କର ସରିଲା ପରେ ସେ ସବୁ ମାଠିଆକୁ ଆମେ ମାନେ ଭାଙ୍ଗିଦେବୁ । ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ୨ଦିନ ପରେ ଆସନ୍ତୁ ଦେଖିବା ଆପଣ ମାନେ କେମିତି ମୋ ମାଠିଆ ଭାଙ୍ଗିଦେବେ ।

୨ଦିନ ପରେ କୃପାସିନ୍ଧୁ ଅଗଣାରେ ମାଠିଆ ଗୁଡିକୁ ସଜେଇକି ରଖିଲେ । କିଛି ସମୟ ପରେ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି ମାଠିଆ ଗୁଡିକୁ ତଡା ସାହାଯ୍ୟରେ ପ୍ରହାର କଲେ ହେଲେ ସେ ମାଠିଆ ଗୁଡିକ ନ ଭାଙ୍ଗି ତଡାର ପ୍ରହାର ଗୁଡିକ ସନ୍ୟ ମାନଙ୍କ ଦେହରେ ବାଜିଲା ଓ ସନ୍ୟ ମାନେ ଆଘାତ ହୋଇ ତଳେ ପଡିଲେ । ଏ ସବୁ ଦେଖି ମୁଖିଆ ଓ ତାଙ୍କର ଗୁମାସ୍ତା ଚମକି ପଡିଲେ । ଗୁମାସ୍ତା ମାଠିଆ ଗୁଡିକୁ ଛୋଟ ପଥର ପକେଇବାରୁ ସେ ପଥର ଆସି ଗୁମାସ୍ତାଙ୍କ ମୁଣ୍ଡରେ ବାଜିଲା । ଏ ସବୁ ଦେଖି ମୁଖିଆ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଯେତେବେଳେ ମାଠିଆକୁ ପ୍ରହାର କଲେ ମାଠିଆଟି ଆସି ତାଙ୍କ ମୁଣ୍ଡରେ ପଡିଲା ।ଏମିତି ହେବା ପରେ ମୁଖିଆ କୃପାସିନ୍ଧୁଙ୍କୁ ଭୁଲ ମାଗିଲା ଓ କହିଲେ ମୋର ଭୁଲ ହେଇଯାଇଛି ମୁଁ ତୁମକୁ ତମର ମାଠିଆର ମୂଲ୍ୟ ଦେଇ ଦେବି । କୃପାସିନ୍ଧୁ କହିଲେ ଯଦି ଭୁଲ ମାଗିବାର ଅଛି ତ ନାଗଦେବୀଙ୍କୁ ଭୁଲ ମାଗ । ମୁଖିଆ ଜଣଙ୍କ ନାଗଦେବୀଙ୍କୁ ଭୁଲ ମାଗିଲେ ଓ କହିଲେ ମା ମତେ କ୍ଷମା କରିଦିଅନ୍ତୁ ମୁଁ ଆଉ କେବେ ବି କାହାକୁ ହଇରାଣ କରିବିନି।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯

# ବଲାଙ୍ଗିରରେ ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍: ଖର୍ଚ୍ଚ ହେବ ସାଢ଼େ ୨୧ କୋଟି

ଭୁବନେଶ୍ୱର,୨୪/୯ (ନି.ପ୍ର): ବଲାଙ୍ଗିରରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ପ୍ରତିଷ୍ଠା ହେବ। ଆସନ୍ତା ୩୦ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ବଲାଙ୍ଗିର ପୌରାଂଚଳ ଅନ୍ତର୍ଗତ ତଲପାଲି ମୌଜାର ସୂର୍ଯ୍ୟନଗର ଠାରେ ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ କାର୍ଯ୍ୟ କରିବ । ପ୍ରାୟ ଦଶ ଏକରରୁ ଉଦ୍ଧ୍ୱର୍ ପରିମିତ ଅଂଚଳରେ ନିର୍ମିତ ହେବାକୁ ଥିବା ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ନିମନ୍ତେ ୨୧.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ହେବାକୁଥିବା ଏହି କେନ୍ଦ୍ର ପରିସରରେ ଏକ ପାର୍କରେ ବିଜ୍ଞାନ ସମ୍ବଳିତ ବିଭିନ୍ନ ନମୁନା ଓ ପ୍ରଦର୍ଶନ ସାମଗ୍ରୀ ରହିବ। ପିଲାମାନଙ୍କ ନିମନ୍ତେ ବିଜ୍ଞାନ କୌତୁକ ପ୍ରସଙ୍ଗ ସମେତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ପ୍ରାଣୀବିଜ୍ଞାନ ବିଷୟ ସଂପର୍କିତ ମତ ବିନିମୟ ନିମନ୍ତେ ବ୍ୟବସ୍ଥା କରାଯିବ। ଅନୁରୂପ ଭାବରେ ପ୍ଲାନେଟାରିୟମ୍ ରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସକାଶେ ମହାକାଶ ଅଭିଯାନ, ବିଶ୍ୱବ୍ରହ୍ମାଣ୍ଡ ଏବଂ ବିବର୍ତନ ଇତ୍ୟାଦି ନେଇ ବିଭିନ୍ନ ପ୍ରଦର୍ଶନ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି । ଗୁରୁବାର ମନ୍ତ୍ରୀ ନିର୍ମାଣସ୍ଥଳି ପରିଦର୍ଶନ କରିଥିଲେ ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ବିଶଦ ଆଲୋଚନା କରିଥିଲେ । ବିଜ୍ଞାନ ଓ କାରିଗରୀ ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ପୂର୍ବରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡା ୮ ଜଣ ଭିନ୍ନକ୍ଷମ ଦଂପତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଶ୍ମିରଂଜନ ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# କମ୍ ପ୍ରଦୂଷଣ ପାଇଁ ବଡ଼ ସହର ତୁଳନାରେ ଭୁବନେଶ୍ୱରରେ କମ୍ କୋଭିଡ ମୃତ୍ୟୁ

ଭୁବନେଶ୍ୱର ,୨୪/୯ (ନି.ପ୍ର): ବାୟୁ ପ୍ରଦୂଷଣ କାରଣରୁ କୋଭିଡ୍ ଭୂତାଣୁ ଅନ୍ୟକୁ ସହଜରେ ସଂକ୍ରମିତ କରିପାରୁଛି। ବିଶେଷକରି ପାର୍ଟିକ୍ୟୁଲେଟ୍ ମ୍ୟାଟର ବା ପିଏମ୍ ୨.୫ ସହିତ କରୋନା ଭୂତାଣୁ ଯୋଡ଼ି ହୋଇଯିବା କାରଣରୁ ଏହା ଦ୍ରୁତ ଗତିରେ ବାୟୁରେ ବ୍ୟାପୁଛି ବୋଲି ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ତେଣୁ ଅଧିକ ପ୍ରଦୂଷଣ ଥିବା ସହରରେ ଅଧିକ ମାତ୍ରାରେ କୋଭିଡ ବ୍ୟାପିଛି। ଏ ଦୃଷ୍ଟିରୁ ଦେଶର ଅନ୍ୟ ବଡ଼ ସହର ତୁଳନାରେ ଭୁବନେଶ୍ୱରରେ କମ୍ ପ୍ରଦୂଷଣ ପାଇଁ କୋଭିଡ ମୃତ୍ୟୁ ସଂଖ୍ୟା କମ୍ ରହିଥିବା ଅନୁମାନ କରାଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ଆଇଆଇଟିଏମ୍ ପୁନେ, ଏନ୍‌ଆଇଟି ରାଉରକେଲା ଓ ଆଇଆଇଟି ଭୁବନେଶ୍ୱରର ୬ଜଣ ବୈଜ୍ଞାନିକ ଓ ଗବେଷକଙ୍କୁ ନେଇ ପ୍ରଦୂଷଣ ଓ କୋଭିଡ୍ ସଂକ୍ରମଣ ସଂପର୍କିତ ଏକ ଅଧ୍ୟୟନ କରାଯାଇଥିଲା। ଏହା ଏନ୍‌ସିଭିର ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି। ଧୂଳି, ଧୂଆଁ ଓ ଅନ୍ୟ ସାମଗ୍ରୀର ମିଶ୍ରଣ ହେଉଛି ପିଏମ୍। ଏହା ଭିନ୍ନ ଭିନ୍ନ ଆକୃତିର ହୋଇଥାଏ। ତେବେ ତହିଁରୁ ପିଏମ୍ ୨.୫ ସବୁଠାରୁ କ୍ଷୁଦ୍ର ହୋଇଥିବା ବେଳେ ଏହା ଶରୀରରେ ପ୍ରବେଶ କଲେ କର୍କଟ ରୋଗ ସୃଷ୍ଟି କରିପାରେ। ବାୟୁରେ ଏହା ଏକାଧିକ ଦିନ ରହିବା ସହିତ ସହଜରେ ଫୁସ୍‌ଫୁସ୍‌ରେ ମଧ୍ୟ ପ୍ରବେଶ କରିଥାଏ। ତେବେ ପିଏମ୍ ୨.୫ ସହିତ ଯୋଡ଼ି ହୋଇ କରୋନା ଭୂତାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ଯାଇ ପାରୁଥିବାର ଏହି ଅଧ୍ୟୟନରେ ପ୍ରମାଣ ମିଳିଛି। ଏ ଦୃଷ୍ଟିରୁ ମୁମ୍ବାଇ, ପୁନେ, ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇରେ ଅଧିକ ସଂଖ୍ୟାରେ କୋଭିଡ ମୃତ୍ୟୁ ହୋଇଥିବା କୁହାଯାଉଛି। ଗତବର୍ଷ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। ଏପ୍ରିଲ ମାସରେ ଭୁବନେଶ୍ୱରରେ ପ୍ରଦୂଷଣ ମାତ୍ରା ଅଧିକ ରହିଥିଲା। ଅନ୍ୟ ମାସଗୁଡ଼ିକରେ ଏହା ସନ୍ତୋଷଜନକ ରହିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ଅନ୍ୟ ସହରଗୁଡ଼ିକ ତୁଳନାରେ ଭୁବନେଶ୍ୱର ଅଧିକ ମାତ୍ରାରେ ପ୍ରଦୂଷିତ। ଏ ଦୃଷ୍ଟିରୁ ରାଜଧାନୀରେ କୋଭିଡ ଅନ୍ୟ ସହର ତୁଳନାରେ ଅଧିକ ମାତ୍ରାରେ ବ୍ୟାପିଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହାକୁ ଗୋଷ୍ଠୀ ସଂକ୍ରମଣ କହୁଛନ୍ତି। ମାତ୍ର ଏହି ଅଧ୍ୟୟନରେ ଏହା ପ୍ରଦୂଷଣ ଯୋଗୁଁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିଥିବା ନଜରକୁ ଆସିଛି। ରାଜ୍ୟର ଅନ୍ୟ ଜିଲ୍ଲାରେ ଲୋକଙ୍କଠାରୁ ଲୋକଙ୍କ ସଂକ୍ରମଣ ବ୍ୟାପିଥିବା ବେଳେ ରାଜଧାନୀରେ ପ୍ରଦୂଷଣ ପାଇଁ ଅଧିକ ସଂକ୍ରମଣ ବ୍ୟାପିଛି ବୋଲି ସନ୍ଦେହ କରାଯାଉଛି।

# ୬ ସ୍ୱତନ୍ତ୍ର ଟ୍ରେନରେ ସିଜିନ ଟିକେଟ୍ ପୁନଃ ପ୍ରଚଳନ

ଭୁବନେଶ୍ୱର,୨୪/୯ (ନି.ପ୍ର): ଦୈନନ୍ଦିନ ଯାତାୟାତ କରୁଥିବା ଟ୍ରେନ ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବ ତଟ ରେଳପଥ କେତେକ ସ୍ୱତନ୍ତ୍ର ଟ୍ରେନରେ ମାସିକ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଟ୍ରେନ୍ ଯାତ୍ରାକୁ ଅନୁମତି ଦେଇଛି । ଏହି ଟ୍ରେନ୍ ଗୁଡିକ ହେଉଛି ୦୮୪୨୮/ ୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ ,୦୮୪୫୬/ ୦୮୪୫୫ ଖୋର୍ଦ୍ଧା ରୋଡ୍-କେନ୍ଦୁଝରଗଡ-ଖୋର୍ଦ୍ଧା ରୋଡ୍ ବିଶେଷ ଟ୍ରେନ , ୦୮୫୨୨/ ୦୮୫୨୧ ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ , ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ , ୦୮୨୬୩/୦୮୨୬୪ ଟିଟିଲାଗଡ-ବିଳାସପୁର-ଟିଟିଲାଗଡ ବିଶେଷ ଟ୍ରେନ ଏବଂ ୦୭୨୬୬/୦୭୨୬୫ ବିଶାଖାପାଟନମ୍-କାକିନଡା ବନ୍ଦର-ବିଶାଖାପାଟନମ୍ ବିଶେଷ ଟ୍ରେନ । ଉପରୋକ୍ତ ଟ୍ରେନ ଗୁଡିକ ବ୍ୟତୀତ ଯାତ୍ରୀ ମାନେ ଚଳାଚଳ କରୁଥିବା ଅନ୍ୟ ବିଶେଷ ଟ୍ରେନ ମାନଙ୍କରେ ସିଜିନ ଟିକେଟ୍ (ଏମଏସଟି) / ତ୍ରୟମାସିକ ସିଜିନ ଟିକେଟ୍ (କ୍ୟୁଏସଟି) ସହିତ ଯାତ୍ରା କରିବାକୁ ରେଳ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ ।

# ବନ୍ୟା ପରିସ୍ଥିତି ନେଇ ଜଳସମ୍ପଦ ବିଭାଗ ସତର୍କ ଅଛି

ଭୁବନେଶ୍ୱର,୨୪/୯ (ନି.ପ୍ର): ଉତର ଓଡ଼ିଶାରେ ବନ୍ୟା ପରିସ୍ଥିତି ନେଇ ଜଳସମ୍ପଦ ବିଭାଗ ସତର୍କ ଅଛି । ବନ୍ୟା ଆଶଙ୍କା ଥିବା ସ୍ଥାନରେ ଇଞ୍ଜିନିୟରମାନେ ଘାଇ ଉପରେ ନଜର ରଖିଛନ୍ତି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜଳକା ଯୋଗୁ ତଳମୁଣ୍ଡରେ ୪ ଟି ଘାଇ ହୋଇଛି। ପାଣି କମିଲେ ମରାମତି କାର୍ଯ୍ୟ ଆରମ୍ଭ ହେବ। ସମସ୍ତ ଆବଶ୍ୟକୀୟ ଉପକରଣ ମହଜୁଦ ରହିଛି। ଉପର ମୁଣ୍ଡରେ ବର୍ଷା ଅଳ୍ପ ଅଳ୍ପ ହେଉଛି। ବର୍ତମାନ ରାଜଘାଟ ଠାରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ତଳେ ରହିଛି। ସନ୍ଧ୍ୟା ସୁଦ୍ଧା ବିପଦ ସଙ୍କେତ ପର୍ଯ୍ୟନ୍ତ ଛୁଇଁ ପାରେ। ତଥାପି ସେମିତି କିଛି ଅସୁବିଧା ହେବାର ନାହିଁ। ମହନଦୀ ଅବବାହିକାରେ ବର୍ତମାନ ସେପରି କିଛି ସମସ୍ୟା ନାହିଁ। ହୀରାକୁଦର ଗେଟଗୁଡ଼ିକ ନିୟମ ମୁତାବକ ଖୋଲା ଯାଉଛି। ଜଳସ୍ତରକୁ ଦେଖି ଇଞ୍ଜିନିୟରମାନେ ଗାଇଡଲାଇନ ମୁତାବକ ଗେଟ୍ ଖୋଲୁଛନ୍ତି ବନ୍ଦ କରୁଛନ୍ତି, । ହୀରାକୁଦ ସ୍ଥିତି ବର୍ତମାନ ଠିକ ଅଛି। ଉପର ମୁଣ୍ଡରେ ଏବେ ବର୍ଷା ନାହିଁ, କିନ୍ତୁ ପୂର୍ବାନୁମାନ ହୋଇଛି, ଏତେ ଆଗରୁ କିଛି କହି ହେବ ନାହିଁ । ତଳ ମୁଣ୍ଡରେ ବନ୍ୟାର ଆଶଙ୍କା ନାହିଁ।

# ଓଡ଼ିଶାରେ ରିଲାଏନ୍ସ ଜିଓର ଜୟଯାତ୍ରା ଜାରି, ୨୦୨୧ ଜୁଲାଇରେ ଯୋଡ଼ିଛି ୩.୧୯ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ: ଟ୍ରାଇ ତଥ୍ୟ

ଭୁବନେଶ୍ୱର,୨୪/୯ (ନି.ପ୍ର): ଓଡ଼ିଶାର ସବୁଠାରୁ ପସନ୍ଦଯୋଗ୍ୟ ଡିଜିଟାଲ୍ ସେବା ପ୍ରଦାନକାରୀ ଭାବେ ପ୍ରଭାବ ଜାରି ରଖି ରିଲାଏନ୍ସ ଜିଓ ୨୦୨୧ ଜୁଲାଇ ମାସରେ ରାଜ୍ୟରେ ସର୍ବାଧିକ ୩.୧୯ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିବା ସହିତ ରାଜ୍ୟରେ ନିଜର ଜୟଯାତ୍ରା ଜାରି ରଖିଥିବା ଭାରତୀୟ ଟେଲିକମ୍ ନିୟାମକ କର୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଦୂରସଂଚାର ଗ୍ରାହକ ତଥ୍ୟରୁ ଜଣାପଡ଼ିଛି । ଟ୍ରାଇ ପକ୍ଷରୁ ପ୍ରକାଶ କରାଯାଇଥିବା ଦୂରସଂଚାର ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୩,୧୯,୯୮୦ ଗ୍ରାହକ ଯୋଡ଼ିଥିବା ବେଳେ ଏହା ଠାରୁ ଅନେକ ପଛରେ ରହିଥିବା ଏୟାରଟେଲ୍ ମାତ୍ର ୧୫,୫୭୮ ଗ୍ରାହକ ଏବଂ ବିଏସ୍‌ଏନ୍‌ଏଲ୍ ମାତ୍ର ୮୧୦୯ ଜଣ ମୋବାଇଲ୍ ଗ୍ରାହକ ଯୋଡ଼ିଛି । ଭୋଡାଫୋନ୍ ଆଇଡିଆର ଗ୍ରାହକ ସଂଖ୍ୟାରେ ହ୍ରାସର ଧାରା ଜାରି ରହି କଂପାନି ଏହି ମାସରେ ଓଡ଼ିଶାରେ ୬୪,୩୩୩ ଜଣ ମୋବାଇଲ୍ ଗ୍ରାହକଙ୍କୁ ହରାଇଛି । ମୋଟ ଉପରେ ଓଡ଼ିଶାର ମୋବାଇଲ୍ ଗ୍ରାହକ ସଂଖ୍ୟା ୨୦୨୧ ଜୁଲାଇ ମାସରେ ୨,୭୯,୩୦୬ ବୃଦ୍ଧି ପାଇଛି ଯାହା ମୁଖ୍ୟତଃ ଜିଓ ହାସଲ କରିଥିବା ବ୍ୟାପକ ନୂଆ ଗ୍ରାହକଙ୍କ ବଳରେ ସମ୍ଭବ ହୋଇଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି । ରିଲାଏନ୍ସ ଜିଓ ଓଡିଶା ଟେଲିକମ୍ ବଜାରରେ ୪୩.୭ ପ୍ରତିଶତ ଗ୍ରାହକ ବଜାର ଅଂଶ ସହିତ ଏହାର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ଏବଂ ଏହା ପଛକୁ ଏୟାରଟେଲ୍‌ର ବଜାର ଅଂଶ ୩୧.୮୯ ପ୍ରତିଶତ, ବିଏସ୍‌ଏନ୍‌ଏଲ୍‌ର ୧୮.୩୫ ପ୍ରତିଶତ ଓ ଭୋଡାଫୋନ୍ ଆଇଡିଆର ୬.୦୬ ପ୍ରତିଶତ ବଜାର ଅଂଶ ରହିଛି । ଓଡ଼ିଶା ଟେଲିକମ୍ ବଜାରରେ ରିଲାଏନ୍ସ ଜିଓର ୧.୫୩ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଥିବା ବେଳେ ଏହା ପଛକୁ ଭାରତୀ ଏୟାରଟେଲ୍‌ର ୧.୧୧ କୋଟି ଗ୍ରାହକ, ବିଏସଏନଏଲର ୬୪.୨୯ ଲକ୍ଷ ଗ୍ରାହକ ଏବଂ ଭୋଡାଫୋନ୍ ଆଇଡିଆର ୨୧.୨୫ ଲକ୍ଷ ଗ୍ରାହକ ରହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୋଟ ରାଜସ୍ୱ ଦୃଷ୍ଟିରୁ ଓଡିଶାରେ ଅଗ୍ରଣୀ ସ୍ଥାନରେ ରହଥିବା ରିଲାଏନ୍ସ ଜିଓର ରାଜ୍ୟରେ ମୋଟ ରାଜସ୍ୱ ବଜାରଅଂଶ ୫୨.୩ ପ୍ରତିଶତ ରହିଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ଏପ୍ରିଲ୍-ଜୁନ୍ ତ୍ରୈୟମାସିକ ଆର୍ଥିକ ରିପୋର୍ଟରୁ ଜଣାପଡ଼ିଛି । ମୋବାଇଲ୍ ସେବା ସହିତ ଜିଓ ପକ୍ଷରୁ ଜିଓଫାଇବର୍ ବ୍ୟବସାୟରେ ମଧ୍ୟ ଗ୍ରାହକ ସଂଖ୍ୟାରେ ଲଲ୍ଲେଖନୀୟ ବୃଦ୍ଧି ହୋଇଛି । ଏହି ସେବା ଉପଲବ୍ଧ ରହିଥିବା ଓଡ଼ିଶାର ୨୭ରୁ ଅଧିକ ସହର ଓ ନଗରରେ ଜୁଲାଇ ମାସରେ ସର୍ବାଧିକ ୬୪୭୮ ନୂଆ ଜିଓଫାଇବର୍ ଗ୍ରାହକ ହାସଲ କରିବା ସହିତ ୨୦୨୧ ଜୁଲାଇ ୩୧ ସୁଦ୍ଧା ରାଜ୍ୟରେ ଜିଓଫାଇବର୍ ଗ୍ରାହକଙ୍କ ମୋଟ ସଂଖ୍ୟା ୭୦,୧୨୩କୁ ବୃଦ୍ଧି ପାଇଥିବା ଟ୍ରାଇ ଦ୍ୱାରା ପ୍ରକାଶିତ ୱେରଲାଇନ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି । ୨୦୨୧ ଜୁଲାଇ ମାସ ପାଇଁ ଟ୍ରାଇ ପ୍ରକାଶ କରିଥିବା ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ମଧ୍ୟ ଜିଓ ସର୍ବାଧିକ ୬୫ ଲକ୍ଷ ଗ୍ରାହକ ଜୁଲାଇରେ ଯୋଡ଼ିଛି, ଫଳରେ ଦେଶରେ ଏହାର ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୪.୩୨ କୋଟିକୁ ବୃଦ୍ଧି ପାଇଛି । ସୂଚନାଯୋଗ୍ୟ ଯେ ରିଲାଏନ୍ସ ଜିଓ ସାରା ରାଜ୍ୟରେ ଏହାର ସମ୍ପୂର୍ଣ୍ଣ ୪ଜି ମୋବାଇଲ୍ ନେଟୱର୍କର ବ୍ୟାପକ ସମ୍ପ୍ରସାରଣ ଜାରି ରଖି ସାରା ରାଜ୍ୟରେ ସଂଯୋଗ ବାହାରେ ରହିଥିବା ଦୁର୍ଗମ ଗ୍ରାହକଙ୍କୁ ଦୃଢ଼ ୪ଜି ନେଟୱର୍କ ସହ ଯୋଡୁଛି । ଏହା ଦ୍ୱାରା ଏହି ସବୁ ଅଂଚଳର ଲୋକମାନେ ବିଶେଷ ଭାବେ ଲାଭବାନ ହୋଇଛନ୍ତି, ବିଶେଷ କରି ଭୌଗୋଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ଅଂଚଳର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅନଲାଇନ୍ କ୍ଲାସ୍‌ରେ ଯୋଗ ଦେଇପାରୁଛନ୍ତି । ନିକଟରେ ଅନୁଷ୍ଠିତ ହୋଇଥିବା ସ୍ପେକ୍ଟ୍ରମ୍ ନିଲାମରେ ଜିଓ ହାସଲ କରିଥିବା ଅତିରିକ୍ତ ୨୦ ମେଗାହର୍ଜ ସ୍ପେକ୍ଟ୍ରମ୍ କୁ ସାରା ଓଡ଼ିଶାରେ ସଫଳତାର ସହ ମୂତୟନ କାର୍ଯ୍ୟ ସମ୍ପୂର୍ଣ୍ଣ କରି ରାଜ୍ୟରେ ଏହାର ନେଟୱର୍କ, ସ୍ପିଡ୍ ଓ ଗ୍ରାହକ ଅନୁଭୂତିକୁ ଅଧିକ ସମୃଦ୍ଧ କରିଛି ।

## ୫୩୯ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୭୭ଜଣ ଛୁଆ

ଭୁବନେଶ୍ୱର,୨୪/୯ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୩୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୭ଜଣ ୧୮ ବର୍ଷରୁ କମ୍ ବର୍ଗର। ୫୩୯ସଂକ୍ରମିତଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍‌ରୁ ୩୧୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଲୋକାଲ କେସ୍ ହେଉଛି ୨୨୩। ଖୋର୍ଦ୍ଧାରୁ ସର୍ବାଧିକ ୨୫୪ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାବାଦ ଅନୁଗୋଳରୁ ୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩, ବରଗଡ଼ରୁ ୨, ଭଦ୍ରକରୁ୧୨, କଟକରୁ ୪୮, ଢେଙ୍କାନାଳରୁ୪, ଗଞ୍ଜାମରୁ ଜଣେ, ଜଗତସିଂହପୁରରୁ ୩୧, ଯାଜପୁର୧୭, ଝାରସୁଗୁଡ଼ା ୪, କଳାହାଣ୍ଡିରୁ ଜଣେ, କନ୍ଧମାଳରୁ ଜଣେ,କେନ୍ଦ୍ରାପଡ଼ା ୧୦, କେନ୍ଦୁଝର ୨, କୋରାପୁଟ ୩ ଓ ମାଲକାନଗିରି ୨ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ୧୩, ନୟାଗଡ଼୫, ପୁରୀରୁ ୧୨, ରାୟଗଡ଼ା୨, ସମ୍ବଲପୁର୧୨, ସୋନପୁରରୁ ୫ , ସୁନ୍ଦରଗଡ଼ ୫ ଓ ଷ୍ଟେଟପୁଲରୁ ୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୩ ହଜାର ୧୩୩କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୧୦,୯୦ ,୦୮ ସୁସ୍ଥ ହୋଇ ସାରିଥିବା ବେଳେ ଆକ୍ଟିଭ କେସ୍ ହେଉଛି ୫୮୨୯। ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୬ ଜଣଙ୍କ ସଂପର୍କରେ ସରକାର ତଥ୍ୟ ଦେଇଛନ୍ତି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୧୬୩କୁ ବୃଦ୍ଧି ପାଇଛି। ଏହି୬ ଜଣଙ୍କ ମଧ୍ୟରେ କଟକ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ଲେଖାଏଁ ଅଛନ୍ତି।

# ପିଆଇଏମାନଙ୍କୁ ନେଇ ଓଏସ୍‌ଡିଏର ସମୀକ୍ଷା ବୈଠକ

ଭୁବନେଶ୍ୱର,୨୪/୯ (ନି.ପ୍ର): କୋଭିଡ୍ ସ୍ଥିତିରେ ସୁଧାର ଆସିବା ପରେ ପୂର୍ବଭଳି ସମସ୍ତ କାର୍ଯ୍ୟକୁ ପୁନଃ ଆରମ୍ଭ କରାଯାଇଛି । ତେଣୁ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ସମସ୍ତ ପିଆଇଏମାନଙ୍କୁ ନେଇ ୱାର୍ଲ୍ଡ ସ୍କିଲ ସେଂଟର (ଡବ୍ଲୁଏସ୍‌ସି)ଠାରେ ଆଜି ଏକ ସମୀକ୍ଷା ବୈଠକ ଆୟୋଜନ କରିଛନ୍ତି ।
ଏହି ବୈଠକରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଅଧ୍ୟକ୍ଷତା କରି କହିଥିଲେ ଯେ ଯୁବଗୋଷ୍ଠୀ ବିଶେଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ନିମନ୍ତେ ଆମେ ଗୁରୁତ୍ୱ ପ୍ରଦାନ କରୁଛୁ। ପିଆଇଏମାନଙ୍କର ତୃଣମୂଳ ସ୍ତରରେ ସଠିକ୍ ଭାବେ ତାଲିମ ପରିଚାଳନା, ନୂତନ ପିଆଇଏମାନଙ୍କୁ ଓଏସ୍‌ଡିଏ ଅଧୀନରେ ସଂଶ୍ଳିଷ୍ଟ କରାଇବା, ୨୦୨୪ ପାଇଁ ରୋଡ୍ ମାପ୍ ପ୍ରସ୍ତୁତି, ସଠିକ୍ ତଥ୍ୟ ରଖିବା, ଦକ୍ଷତା ବିକାଶ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ପ୍ରଚାରପ୍ରସାର, ସ୍ୱାସ୍ଥ୍ୟ ଏବଂ ନୂତନ ଅର୍ଥନୀତି ଭଳି ଟ୍ରେଡ୍‌କୁ ତାଲିମରେ ସାମିଲ କରିବା ଏବଂ ପିଆଇଏମାନେ ସୁଚିନ୍ତିତ ମତାମତ ପ୍ରଦାନ କରି ଓଏସ୍‌ଡିଏକୁ ଦିଗଦର୍ଶନ ଦେବା ନିମନ୍ତେ ଶ୍ରୀ ବାଗ୍‌ଚୀ ପରାମର୍ଶ ଦେଇଥିଲେ ।
ସେ ଆହୁରି ମଧ୍ୟ କହିଥିଲେ ଯେ ୨୦୧୬ ବର୍ଷରେ ଆଇଟିଆଇ ମାନଙ୍କର ରୂପାନ୍ତରଣ, ସ୍ୱଳ୍ପ ଅବଧି ତାଲିମ ସ୍ତର ବୃଦ୍ଧି ଏବଂ ରାଜ୍ୟରେ ଡବ୍ଲୁଏସ୍‌ସି ପ୍ରତିଷ୍ଠା ଭଳି ତିନୋଟି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିରେ ରାଜ୍ୟ ସରକାର ସଫଳ ହୋଇପାରିଛନ୍ତି । ଡିଡିୟୁଜିକେୱାଇ ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ରାଜ୍ୟ କ୍ରମାଗତଭାବେ ଦେଶରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ୨୦ ପ୍ରତିଶତ ତାଲିମ ଦୀର୍ଘ ଅବଧି ତଥା ବୈଷୟିକ ଶିକ୍ଷା କ୍ଷେତ୍ରରୁ ହେଉଥିବା ବେଳେ ସ୍ୱଳ୍ପ ଅବଧି କ୍ଷେତ୍ରରୁ ଅଶୀ ପ୍ରତିଶତ ତାଲିମ ଆମକୁ ପିଆଇଏମାନଙ୍କ ସହାୟତାରେ ହାସଲ ହୋଇଥାଏ । ତେଣୁ ପିଆଇଏମାନେ ସଠିକ କାମକୁ ସଠିକ୍ ସମୟରେ କରିବାକୁ ପଡିବ । ଏଥି ସହ ଦକ୍ଷତା ତାଲିମ ଦେଉଥିବା ରାଜ୍ୟ ସରକାରଙ୍କର ଅନ୍ୟ ବିଭାଗଗୁଡିକ ମଧ୍ୟ ଏଥି ପ୍ରତି ତତ୍ପରତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ବାଗ୍‌ଚୀ କହିଥିଲେ ।
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଡବ୍ଲୁଏସ୍‌ସି ହେଉଛି ସମସ୍ତ ସ୍କିଲର ଗନ୍ତାଘର, ଯାହା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ର୍ନିମାଣ ହୋଇଛି । ଏଠାରେ କେବଳ ଯୁବଗୋଷ୍ଠୀମାନଙ୍କୁ ତାଲିମ ଦିଆଯିବ ନାହିଁ ବରଂ ପିଆଇଏମାନଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ସେ ସେମାନଙ୍କୁ ଅବଗତ କରାଇଥିଲେ । ପିଆଇଏମାନେ ଏହାକୁ ଉପଯୋଗ କରି ତାଲିମ ଦେଇପାରିବେ ବୋଲି ମଧ୍ୟ ସେ କହିଥିଲେ ।
ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି କହିଥିଲେ ଯେ ନୂତନ ଧାରାରେ ଆମକୁ ଅଗ୍ରସର ହେବାକୁ ପଡିବ। ଦକ୍ଷତା ବିକାଶ କେନ୍ଦ୍ରର(ଏସଡିସି) ରୂପରେଖ ପରିବର୍ତନ ହେବ । ଅଧିକ ସଂଖ୍ୟକ ଯୁବକଯୁବତୀମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ଏସଡିସିରେ ବିଶେଷ କରି ଖଣିଜପାଣି ଥିବା ଅଂଚଳମାନଙ୍କରେ ମହିଳା ଏବଂ ପୁରୁଷ ମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ର/ଛାତ୍ରୀନିବାସ ର୍ନିମାଣ କରାଯିବ ବୋଲି ସେ ଏହି ଅବସରରେ ସୂଚନା ଦେଇଥିଲେ ।
ଓଏସଡିଏ ପ୍ଲେସମେଂଟ ଲିଙ୍କ ଟ୍ରେନିଂ ପ୍ରୋଗ୍ରାମ(ପିଏଲଟିପି), ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ), ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିୱାଇ) ଏବଂ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମ୍‌କେକେ) ଭଳି ସ୍ୱଳ୍ପ ଅବଧି କୌଶଳ ବିକାଶ ତାଲିମ ଯୋଜନାରେ ପିଆଇଏମାନଙ୍କ ମାଧ୍ୟମରେ ତାଲିମ ପ୍ରଦାନ କରୁଛନ୍ତି । ଏହି ସମୀକ୍ଷା ବୈଠକରେ ୩୮ଟି ତାଲିମ ସହଯୋଗୀ ଓ ପିଆଇଏର ସଦସ୍ୟମାନେ ଯୋଗ ଦେଇଥିଲେ । ଶେଷରେ ସମସ୍ତ ପିଆଇଏ ସଦସ୍ୟ ୱାର୍ଲ୍ଡ ସ୍କିଲ ସେର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଏସ୍‌ଡିଏର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ସେପ୍ଟେମ୍ବର ୩୦ ଯାଏଁ ଚାରି ଯୋଡ଼ା ଟ୍ରେନ ବାତିଲ

ଭୁବନେଶ୍ୱର,୨୪/୯ (ନି.ପ୍ର): କୋଭିଡ୧୯ ମହାମାରୀ ସମୟରେ କେତେକ ଟ୍ରେନ ରେ ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ନିମ୍ନରେ ଉଲ୍ଲେଖ କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍ ବାତିଲ୍ କରିବାକୁ ନିଷ୍ପତି ନିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବାତିଲ୍ ହେଉଥିବା ଟ୍ରେନ ଗୁଡିକ ହେଲା ୦୮୪୩୧/୦୮୪୩୨ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ , ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ, ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ ଓ ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ। ଅପରପକ୍ଷରେ ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ସ୍ପେଶାଲ୍ ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଉଭୟ ଦିଗରୁ ତାଳଚେର ଓ ଅନୁଗୁଳ ମଧ୍ୟରେ ବାତିଲ୍ ରହିବ ଏବଂ ତାଳଚେର ଓ ପୁରୀ ମଧ୍ୟରେ ଚଳାଚଳ କରିବ।

## ରାଜ୍ୟର ସ୍ଥିତି ଦେଖି ତୃତୀୟ ଲହର କଥା ସମୀକ୍ଷା କରାଯିବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୪/୯ (ନି.ପ୍ର): କରୋନା ଖସୁଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିସାରିଛି। ଏହା ଭଲ ଖବର। ହେଲେ ସଚେତନ ରହିବାକୁ ଏବେ ବି ଆହ୍ୱାନ ରହିଛି। ତୃତୀୟ ଲହରି କେଉଁଠି କଣ ଆସିଲା, ତାହାର କିଛି ଅର୍ଥ ନାହିଁ। ଆମ ରାଜ୍ୟର ସ୍ଥିତି ଦେଖି ତୃତୀୟ ଲହରି କଥା ସମୀକ୍ଷା କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର।

# ପନିପରିବା ଓ ଫଳରେ ଆତ୍ମ-ନିର୍ଭରଶୀଳ ହେବ ଓଡ଼ିଶା : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୪/୯ (ନି.ପ୍ର): ଚାଉଳ, କ୍ଷୀର, କୁକୁଡ଼ା ଜାତୀୟ ଖାଦ୍ୟ, ମାଛ ଯାଆଁଳ ଆଦି କ୍ଷେତ୍ରରେ ଆତ୍ମ-ନିର୍ଭରଶୀଳ ହେବାପରେ ଓଡ଼ିଶା ବର୍ତମାନ ପନିପରିବା ଏବଂ ଫଳ ଉତ୍ପାଦନରେ ଆତ୍ମ-ନିର୍ଭରଶୀଳ ହେବା ନିମନ୍ତେ ପ୍ରଚେଷ୍ଟା ଆରମ୍ଭ କରିଛି । ଏଥିପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଏବଂ ସମୟାନୁବନ୍ଧିତ କାର୍ଯ୍ୟ-ପନ୍ଥା ନିର୍ଦ୍ଧାରଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । କୃଷି ଉତ୍ପାଦ ବୃଦ୍ଧି ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟରେ ଫଳ ଓ ପନିପରିବା ଚାଷ ସମ୍ବନ୍ଧିତ ସଦ୍ୟତନ ସ୍ଥିତି ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଫଳ ଓ ପନିପରିବା ଚାଷ ପାଇଁ ଓଡ଼ିଶାରେ ଥିବା ବହୁ ସମ୍ଭାବନା ଓ ସମ୍ବଳ ବିଷୟ ଉଲ୍ଲେଖ କରି ବିଭିନ୍ନ ଅଂଚଳର କୃଷି-ଜଳବାୟୁ ଓ ମୃର୍ତିକା ସଂରଚନା ଆଦି ଭିତିରେ ଲକ୍ଷ୍ୟଭେଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଫଳ ଓ ପନିପରିବାର ଆଧୁନିକ ଚାଷ ପ୍ରଣାଳୀ, ବାର୍ଷିକ ଆୟ ଆଦି ବିଷୟରେ କୃଷକମାନଙ୍କୁ ଅନୁପ୍ରେରଣା ଦେବାପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା ଫୁଲ କୋବି, ବନ୍ଧା କୋବି, ଟମାଟୋ, ଆଳୁ, ପିଆଜ ଆଦି ଜାତୀୟ ପରିବା ଏବଂ କଦଳୀ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ଆଦି ଫଳ ଉତ୍ପାଦନ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରକାର ଫଳ ଓ ପନିପରିବା ପାଇଁ ବିଶେଷଜ୍ଞ, କୃଷକ, କୃଷି-ଉଦ୍ୟୋଗୀ, ଜଳ ସଂପଦ ଓ କୃଷି ବିଭାଗ ଯନ୍ତ୍ରୀମାନଙ୍କ ଠାରୁ ଆବଶ୍ୟକୀୟ ମତାମତ ଓ ପରାମର୍ଶ ନେଇ ବାସ୍ତବବାଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉଦ୍ୟାନ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଜଣାଇଥିଲେ ଯେ ଲଗାତାର ପ୍ରୋତ୍ସାହନ-ମୂଳକ ପ୍ରଚେଷ୍ଟା ଯୋଗୁ ରାଜ୍ୟ ପନିପରିବା ଓ ଫଳ ଉତ୍ପାଦନରେ ଜାତୀୟସ୍ତର ମାନ୍ୟତା ହାସଲ କରିଛି। ୨୦୧୯-୨୦ ବର୍ଷ ଉଦ୍ୟାନ ଚାଷ ବିବରଣୀ ଅନୁସାରେ ଓଡ଼ିଶା ମିଠା ଆଳୁ ଉତ୍ପାଦନରେ ୧ମ; ବାଇଗଣ ଉତ୍ପାଦନରେ ୨ୟ; ଫୁଲକୋବି, ଭେଣ୍ଡି, ଟମାଟୋ ରେ ୫ମ; ଲାଉ ଉତ୍ପାଦନରେ ୬ଷ୍ଠ ସ୍ଥାନ ଅଧିକାର କରିଛି । ସେହିପରି ରାଜ୍ୟ ମଧ୍ୟ ଯାମୁ ଉତ୍ପାଦନରେ ୨ୟ, ଲେମ୍ବୁରେ ୫ମ, ତରଭୁଜରେ ୫ମ, ସପେଟାରେ ୭ମ, ଆମ୍ବରେ ୯ମ ଏବଂ ପଣସ ଉତ୍ପାଦନରେ ୯ମ ସ୍ଥାନ ପାଇଛି। ଦୃତ କାର୍ଯ୍ୟାନ୍ୱୟନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ବିଶେଷ ଚାହିଦା ଥିବା ଏବଂ ଓଡ଼ିଶାର ଜଳବାୟୁ ଓ ମୃର୍ତିକା ଅନୁକୂଳ ଅଳ୍ପ ସଂଖ୍ୟକ ଫଳ ଓ ପନିପରିବା ନେଇ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନ ରାଜ କୁମାର ଶର୍ମା, ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, କୃଷି ନିର୍ଦ୍ଦେଶକ ମୁଥୁ କୁମାରଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ବଂଟନ

ଭୁବନେଶ୍ୱର,୨୪/୯ (ନି.ପ୍ର): ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ବଲାଙ୍ଗିର ପୌରାଂଚଳରେ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରିଛନ୍ତି । ଏହି ସ୍ମାର୍ଟ କାର୍ଡ ବିତରଣ ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ବଲାଙ୍ଗିର ମୁନିସିପାଲିଟିର ୧୬ ହଜାର ୩୧୭ ପରିବାରଙ୍କ ସମେତ ସମଗ୍ର ବଲାଙ୍ଗିର ଜିଲ୍ଲାରେ ୪ ଲକ୍ଷ ୫୧ ହଜାର ପରିବାର ଏହି କାର୍ଡ ଦ୍ୱାରା ଉପକୃତ ହେବେ । ବଲାଙ୍ଗିର ଜିଲ୍ଲାର ଉନ୍ନତି ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଅଧିକ ଧ୍ୟାନ ରହିଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ତୃତୀୟ ଅଂଚଳ ଭାବେ ଏହି କାର୍ଡ ବଂଟନ କାର୍ଯ୍ୟକ୍ରମ ଏଠାରେ ଆରମ୍ଭ କରିଛନ୍ତି। ମୁନିସିପାଲିଟି ଅଂଚଳର ୧୨ଟି ୱାର୍ଡର ବିଭିନ୍ନ କେନ୍ଦ୍ରରେ ମନ୍ତ୍ରୀ ଶ୍ରୀ ଆରୁଖ କାର୍ଡ ବଂଟନ କରିଥିଲେ । ସୂଚନାଯୋଗ୍ୟ ଯେ ଏହି କାର୍ଡ ମାଧ୍ୟମରେ ପରିବାରର ମହିଳା ସଦସ୍ୟାମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବା ସହିତ ପୁରୁଷମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ । ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ବଂଟନର ଶୁଭାରମ୍ଭ କରିବା ପରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଏହାର ବଂଟନ କାର୍ଯ୍ୟ ଜାରି ରହିଛି ।

# ବେଆଇନ ରିଟେଲର ବାତିଲ ଦାବିରେ ଖାଦ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଦିବାରାତ୍ର ଧାରଣା

ନୀଳଗିରି,୨୪/୦୯ (ନି.ପ୍ର): ଔପଦା ବ୍ଲକ ବାଉଁଶବଣିଆ ଗ୍ରା.ପ. ହାଟସାହି ରିଟେଲର କେନ୍ଦ୍ରରେ ବେଆଇନ ରିଟେଲର ନିଯୁକ୍ତି ବାତିଲ ପ୍ରତିବାଦରେ ଶୁକ୍ରବାର ଦିନ ଦିବା ୧୦ଘଟିକା ଠାରୁ ଖାଦ୍ୟ ସୁରକ୍ଷା ମଂଚ ବାଉଁଶବଣିଆ ତରଫରୁ ଶତାଧିକ ହିତାଧିକାରୀ ୫ଦଫା ଦାବୀ ନେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିଛନ୍ତି । ଏ ନେଇ ଉପଜିଲ୍ଲାପାଳଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ କେନ୍ଦ୍ରରେ ବେଆଇନ ରିଟେଲର ନିଯୁକ୍ତି ର ଭିଜିଲାନ୍ସ ତଦନ୍ତ ନୂତନ ରିଟେଲର ନିଯୁକ୍ତି ପର୍ଯ୍ୟନ୍ତ ପୂର୍ବରୁ ପାଉଥିବା ରିଟେଲର ଭରତ ବେହେରାଙ୍କ ସହିତ ତଦନ୍ତ ଅନୁଯାୟୀ ହିତାଧିକାରୀମାନଙ୍କୁ ସଂଯୋଗ କରାଇବାର ପ୍ରମାଣପତ୍ର ଦାବୀ, ବେଆଇନ ଭାବେ ନିଯୁକ୍ତି ପାଇଥିବା ଶକ୍ତି ଏସ.ଏଚ.ଜି. ରିଟେଲର ଦ୍ୱାରା ରାସନ ବର୍ଟନ କରା ନ ଯାଇ ଭରତ ବେହେରା ରିଟେଲର ସେଣ୍ଟର ମାଧ୍ୟମରେ ବଣ୍ଟନ କରାଯାଉ, ଆଇନ ଅନୁଯାୟୀ ରିଟେଲର ନିଯୁକ୍ତ କରାଯାଉ ଏବଂ ଶକ୍ତି ଏସ.ଏଚ.ଜି. ଦୁର୍ନିତୀର ନିରପେକ୍ଷ ତଦନ୍ତ କରାଯାଉ ଆଦି ଦାବୀରେ ଦିବାରାତ୍ର ଧାରଣାରେ ବସିଛନ୍ତି । ଏହି ଧାରଣାରେ ମଞ୍ଚର ସଂଭାପତି ଅନିରୁଦ୍ଧ ବେହେରା, ସଂପାଦକ କିଶୋର ଚନ୍ଦ୍ର ଚୌଧୁରୀ, ସହ ସମ୍ପାଦକ ବିଧାଧର ବେହେରା, ଉପସଭାପତି ରାଧାଶ୍ୟମ ଦାସ, ସଭ୍ୟ ନିରଂଜନ ବାରିକ, ବାସନ୍ତୀ ନାୟକ, ନାରାୟଣ ରାଉତ, ପଦ୍ମଲୋଚନ ସେଠୀ ସମେତ ବହୁ ସଭ୍ୟ ସଭ୍ୟା ଦିବାରାତ୍ର ଧାରଣାରେ ବସିଛନ୍ତି ।

# ବିଭିନ୍ନ ଦାବୀ ନେଇ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ନୀଳଗିରି,୨୪/୦୯ (ନି.ପ୍ର): ନୀଳଗିରି ବ୍ଲକ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ନୀଳଗିରି ସି.ଡି.ପି.ଓ.ଙ୍କ ଜରିଆରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦାବୀ ମଧ୍ୟରେ ଆଗଧାଡ଼ିର ଯୋଜନା କର୍ମଚାରୀଙ୍କ ପାଇଁ ସୁରକ୍ଷା , ବୀମା, କ୍ଷତିପୁରଣ ପ୍ରଦାନ, ପ୍ରତ୍ୟେକ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟ ଅନୁସାରେ ନିୟମାନୁଯାୟୀ ୪୫ତମ ଓ ୪୬ତମ ଏଲ.ଏଲ.ସି. ର ସୁପାରିଶକୁ ଲାଗୁ କରିବା, କର୍ମଚାରୀଙ୍କୁ ମାସିକ ୨୧ହଜାର ଟଙ୍କା ଏବଂ ପେନସନ ବାବଦରେ ୧୦ହଜାର ଟଙ୍କା ପ୍ରଦାନ କରିବା ସହ ଇ.ଏସ.ଆଇ. ଏବଂ ପି.ଏଫ. ଲାଗୁ କରିବା, ଶ୍ରମ ବିରୋଧୀ କାନୁନ କୁ ପ୍ରତ୍ୟାହାର କରିବା, କର୍ମଚାରୀ ପ୍ରମାଣପତ୍ର ପ୍ରଦାନ କରିବା, ସମସ୍ତ କର୍ମଚାରୀଙ୍କୁ ଇ-ଶ୍ରମ ପୋର୍ଟାଲରେ ପଞ୍ଜିକରଣ କରିବା , ଉକ୍ତ ଯୋଜନାକୁ ଘରୋଇ କରଣ ନ କରିବା, ଜନବିରୋଧୀ କୃଷି କାର୍ଯ୍ୟକୁ ପ୍ରତ୍ୟାହାର କରିବା ଆଦି ଦାବୀପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଭାରତୀ ନାୟକ, ସଂପାଦକ ପ୍ରତିଭା ନାୟକ, ସୁମତି ରାଉଳ, ଜିତାରାଣୀ ସିଂ, ବାସନ୍ତି ସେଠୀ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# ସିଦ୍ଧେଶ୍ୱର କଲେଜରେ ଏନ୍‌ଏସଏସ ପ୍ରତିଷ୍ଠା ଦିବସ



ବସ୍ତା,୨୪।୯ (ନିପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତ ସ୍ଥିତ ସିଦ୍ଧେଶ୍ୱର ମହାବିଦ୍ୟାଳୟର ସଭା ଗୃହରେ ଆଜି ଏନ୍ ଏସ ଏସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡ. ଅକ୍ଷୟ କୁମାର ପରିଡ଼ାଙ୍କ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଡ.ଭଗବାନ ପୃଷ୍ଟି,ପୂର୍ବତନ ଏନ୍ ଏସ ଏସ ପ୍ରୋଗ୍ରାମ ଅଫିସର ତଥା ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡ଼.ମାନସ ରଞ୍ଜନ ସାମଲ ଏବଂ ଶିକ୍ଷାବିଭଗର ପ୍ରାଧ୍ୟାପକ ଆନନ୍ଦ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ର, ଛାତ୍ରୀ ମାନଙ୍କୁ ଏନ୍ ଏସ ଏସ ର ଗୁରୁତ୍ୱ ପ୍ରତିପାଦନ କରିଥିଲେ ।ତତ୍ ସହିତ ଏନ୍ ଏସ ଏସ ୪ ଜଣ ପି ଓ ଅଧ୍ୟାପକ ରାମ ଚନ୍ଦ୍ର ହାଁସଦା, ଅନୁପମା ମାଝି,ଅଧ୍ୟାପିକା ସନ୍ତୋସିନୀ ଆଚାର୍ଯ୍ୟ, ଅଧ୍ୟାପିକା ଅନୁପମା ମାଝି, ଅଧ୍ୟାପକ ଭିକାରୀ ଚରଣ ଜ୍ୟୋତି, ପ୍ରମୁଖ ଯୋଗଦେଇଥିଲା ବେଳେ ଅଧ୍ୟାପିକା ଅନୁପମା ମାଝି ସ୍ୱାଗତ ଅଭିଭାଷଣ ଦେଇଥିଲା ଓ ଅଧ୍ୟାପିକା ସନ୍ତୋଷିନି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ ।

# ଭାଜପା ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




ଉଦଳା,୨୪/୦୯ (ନି.ପ୍ର): ଭାରତୀୟ ଜନତାପାର୍ଟି ଉଦଳା ଏନ୍.ଏ.ସି. ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦଳା ଏନ୍.ଏ.ସି. ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲଙ୍କ ନେତୃତ୍ୱରେ ଉଦଳା କୃଷକ ବଜାରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ସଦସ୍ୟା ପ୍ରମିଳା ପଣ୍ଡା, ଜିଲ୍ଲା ଉପସଭାପତି ମମତା ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ପଟ୍ଟନାୟକ, ପ୍ରଭାତ ପରିଡ଼ା, ଆଦର୍ଶ ଜେନା, ସୀମାନ୍ତ ତ୍ରିପାଠୀ, ଯୁବମୋର୍ଚ୍ଚା ସଭାପତି ପ୍ରାଚ୍ୟସୁମନ ମହାନ୍ତି, ସଂପାଦକ ତପନ ପୋଥାଳ, କିମାନ ବାସୁଦେବ ସାହୁ, ବିଶ୍ୱଜିତ ନାୟକ, ରୋହିତ ମଲ୍ଲିକ, ଅଂଶୁମାନ ପ୍ରଧାନ, ପ୍ରୋମୋଦ ପାତ୍ର ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପ୍ରକାଶ ଥାଉକି ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ତାରିଖରୁ ସେ ଗୁଜୁରାଟର ପ୍ରଥମ ଥର ଅକ୍ଟୋବର ୭ ତାରିଖ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିବା, ଉକ୍ତ ସମୟକୁ ଭାରତୀୟ ଜନତାପାର୍ଟି ତରଫରୁ ସମଗ୍ର ଭାରତ ବର୍ଷରେ ସେବା ଓ ସମର୍ପଣର ଦିବସ ରୂପେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି ।

## ଆଇନଜୀବୀ ନିର୍ମାଲ୍ୟ ପଣ୍ଡାଙ୍କ ବିୟୋଗରେ ଟ୍ୟାକ୍ସବାର ଆସୋସିଏସନର ଶୋକ

ବାଲେଶ୍ୱର,୨୪/୦୯ (ନି.ପ୍ର): ଦିବଂଗତ ଆଇନଜୀବୀ ନିର୍ମାଲ୍ୟ ପଣ୍ଡାଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଟ୍ୟାକ୍ସ ବାର ଆସୋସିଏସନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନର ସଭାପତି ବେଣୁଧର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସହ-ସମ୍ପାଦକ ସୂର୍ଯ୍ୟକାନ୍ତ କର, ବିଜୟ କୁମାର ରାଉତ, ଲମ୍ବୋଦର ହୋତା, ସିଦ୍ଧାର୍ଥ ମହାପାତ୍ର, ବିକ୍ରମ କେଶରୀ ମହାନ୍ତି, ତାପସ ରଂଜନ ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଏଥିରେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ସମସ୍ତେ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ

ବାଲିଆପାଳ,୨୪/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ମାଛ ମାର୍କେଟରେ ଜଣେ ସାଇକେଲ ଚୋରକୁ ଧରି ବାନ୍ଧି ନିସ୍ତୁକ ମାଡ ମାରିଥିବା ଦେଖିବାକୁ ମିଳିଥିଲା ।ମିଳିଥିବା ସୂଚନା ମୁତାବକ ବଡସିମୁଳିଆ ଗ୍ରାମର ମଧୁସୂଦନ ଦାସଙ୍କ ପୁଅ କୁନା ଦାସ (୩୦)ସିମୁଳିଆ ମାଛ ମାର୍କେଟରୁ ଏକ ସାଇକେଲ ଚୋରି କରି ତାର ଜଣେ ସମ୍ପର୍କୀୟ ଭାଇ ବାବାଝୀ ଦାସ ଙ୍କୁ ବିକ୍ରି କରିଦେଇଥିଲେ । ବାବାଜୀ ଗତ ୧୮ ତାରିଖ ଦିନ ଉକ୍ତ ସାଇକେଲ କୁ ନେଇ ବଜାରକୁ ଅସିଥିବା ବେଳେ ସାଇକେଲ ମାଲିକ ବାବାଜୀଙ୍କୁ ଧରି ମାଡ ମାରିବା ସହ ପୋଲିସରେ ଜିମ୍ମା ଦେଇଥିଲେ ।ସେହିଦିନଠାରୁ କୁନା ଏଣେ ତେଣେ ଲୁଚୁଥିଲା । ଆଜି କୁନାକୁ ଦେଖି ବାବାଝୀର ସ୍ତ୍ରୀ ଏବଂ ସଂପର୍କୀୟମାନେ ଧରି ମାଚ ମାର୍କେଟକୁ ନେଇଆସିଥିଲେ ସେଠାରେ ଏକ ଗଛରେ କୁନାକୁ ବାନ୍ଧି ମାଡ ମାରିବା ସହ ସେ ସାଇକେଲ ଚୋରି ସମ୍ପର୍କରେ ସ୍ୱୀକାର କରାଇଥିଲେ । ପରେ କୁନାକୁ ନେଇ ପୋଲିସରେ ଜିମ୍ମା ଦେଇଥିଲେ । ଏହି ଘଠଣାକୁ ନେଇ ମାଛ ମାର୍କେଟରେ କିଛି ସମୟ ଲୋକାରଣ୍ୟ ହୋଇଯାଇଥିଲା ।

## ପାରାଦୀପ ପୋର୍ଟ ପେନସନର୍ସ ଆସୋସିଏସନ୍ ସାଧାରଣ ସଂପାଦକ ପର୍ଶୁରାମ ମଲ୍ଲିକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳୀ

ପାରାଦୀପ,୨୪/୦୯ (ନି.ପ୍ର): ପାରାଦୀପ ପୋର୍ଟ ପେନସନର୍ସ ଆସୋସିଏସନ୍‌ର ସାଧାରଣ ସଂପାଦକ ତଥା ପାରାଦୀପ ବନ୍ଦର ର ପୂର୍ବତନ ଶ୍ରମିକ ନେତା ସ୍ୱର୍ଗତ ପର୍ଶୁରାମ ମଲ୍ଲିକଙ୍କ ଅକାଳ ବିୟୋଗରେ ସଂଘର ସଦସ୍ୟମାନଙ୍କ ଦ୍ୱାରା ଏକ ଶ୍ରଦ୍ଧାଂଜଳୀ ସଭା ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ସଂଘ ର କାର୍ଯ୍ୟକାରୀ ସଭାପତି ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ପୌରହିତ୍ୟ ରେ ଆୟୋଜିତ ଏହି ଶ୍ରଦ୍ଧାଂଜଳୀ ସଭା ରେ ଉପସଭାପତି ଗୁଣନିଧି ଚୌଧୁରୀ, ସହ ସମ୍ପାଦକ ନିତ୍ୟାନନ୍ଦ ପଣ୍ଡା, ସଦସ୍ୟ ରବିନ୍ଦ୍ର କୁମାର ଦାସ, ନଗେନ୍ ଶତପଥୀ, ନିମାଇଁ ରାଉତ, ଶୁଭେନ୍ଦୁ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ମାଝୀ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ମଲ୍ଲିକ ଜଣେ ନିଷ୍ଠାପର, କଠିନ ପରିଶ୍ରମୀ ଓ ସଂଘ ପ୍ରତି ତାଙ୍କର ଅବଦାନ ସବୁ ଦିନ ମନେ ରହିବ ବୋଲି ସଦସ୍ୟମାନେ କହିଥିଲେ । ସେହିପରି ସଂଘର ପୂର୍ବତନ ସଭାପତି ପ୍ରସନ୍ନ କୁମାର ଆଚାର୍ଯ୍ୟ, ଯତିକାନ୍ତ ବେହେରା, ବସନ୍ତ ନାୟକ, ପିଡିଡବ୍ଲ୍ୟୁ ୟୁନିୟନର ସମ୍ପାଦକ ଅନନ୍ତ ଦାସଙ୍କ ସମେତ ପାରାଦୀପ ବନ୍ଦର ର ବହୁ ପ୍ରାକ୍ତନ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ମଲ୍ଲିକଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨୭ରେ ଭାରତ ବନ୍ଦ: ଓଏଏସ୍ ....

୯ଟା ସୁଦ୍ଧା ଅଫିସ ଆସିବେ। ଲୋକସେବା ଭବନର ମୁଖ୍ୟ ଗେଟ୍ ସକାଳ ୧୦ଟା ୧୫ମିନିଟରେ ବନ୍ଦ କରାଯିବ। ପଛଗେଟ୍ ବାଟ ଦେଇ ଯାତାୟତ ନିମନ୍ତେ ଅନମୁତି ମିଳିବ। ସୋମବାର ଦିନ ଲୋକସେବା ଭବନ ଓ ଖାରବେଳ ଭବନ ଆଦି ଭିତରକୁ ସାଧାରଣ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଭାରତ ବନ୍ଦ ଯୋଗୁ ଗାଡ଼ିମୋଟର ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଅଫିସ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ବନ୍ଦ ହେବାର ଆଶଙ୍କା ରହିଛି ବୋଲି ଶ୍ରୀମତୀ ବାଲା ତାଙ୍କ ଚିଠିରେ ସମସ୍ତ ବିଭାଗର ସଚିବଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଲୋକସେବା ଆୟୋଗଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଚାଷୀ ସଂଗଠନ ପକ୍ଷରୁ ଆସନ୍ତା ୨୭ତାରିଖରେ ଭାରତ ବନ୍ଦ ପାଳନ ହେଉଥିବାରୁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ର ପର୍ସନାଲିଟି ଟେଷ୍ଟ ଓ ଡକ୍ୟୁମେଣ୍ଟ ଯାଂଚ କାର୍ଯ୍ୟକ୍ରମ ଅକ୍ଟୋବର ୫ତାରିଖକୁ ଘୁଂଚାଇ ଦିଆଯାଇଛି । ଉକ୍ତ ଦିନ ୨ଟି ସେସନରେ ଏହା ସମ୍ପାଦିତ ହେବ ବୋଲି ଲୋକସେବା ଆୟୋଗଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## କମଳା ହାରିସଙ୍କୁ ଭେଟିଲେ ....

କହିଥିଲେ, ଭାରତ ହେଉଛି ଆମେରିକାର ବଡ ଅଂଶୀଦାର । ସେହିଭଳି କୋଭିଡ ଟିକା ରପ୍ତାନୀ ପାଇଁ ଭାରତର ନିଷ୍ପତିକୁ କମଳା ହାରିସ ସ୍ୱାଗତ କରିଛନ୍ତି । ଆତଙ୍କବାଦ ସମେତ ଉଭୟ ନେତା ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଭାରତର କୋଭିଡ ପରିଚାଳନାକୁ କମଳା ହାରିସ ପ୍ରଂଶସା କରିଛନ୍ତି । ସାକ୍ଷାତବେଳେ ପ୍ରଧାନମନ୍ତ୍ରୀ କହିଥିଲେ, କମଳା ହାରିଶ ବିଶ୍ୱସମୁଦାୟ ପାଇଁ ପ୍ରେରଣାର ଉତ୍ସ । ଏହି ଅବସରରେ ସେ ତାଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ । ଏହାସହ କମଳା ହାରିସ୍‌ଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ ମୋଦି । କମଳା ହାରିସଙ୍କ ଅଜାଙ୍କ ଜଡିତ କିଛି ପୁରୁଣା ଦସ୍ତାବିଜ ତାଙ୍କୁ ଉପହାର ସ୍ୱରୁପ ଦେଇଛନ୍ତି । ଏହାସହ ବନାରସି ମୀନାକରି କାମ ହୋଇଥିବା ଏକ ଚେସ୍ ବୋର୍ଡ ଆମେରିକା ଉପ-ରାଷ୍ଟ୍ରପତିଙ୍କୁ ଭେଟି ଦେଇଛନ୍ତି ମୋଦି । ଆମେରିକା ଉପ-ରାଷ୍ଟ୍ରପତିଙ୍କ ବ୍ୟତିତ ପ୍ରଧାନମନ୍ତ୍ରୀ ମୋଦି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଓ ଜାପାନ ପ୍ରଧାନମନ୍ତ୍ରୀ ୟୋସିହିଦେ ସୁଗାଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରିଛନ୍ତି ମୋଦି । ଉଭୟ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି ମୋଦି । ପ୍ରଧାନମନ୍ତ୍ରୀ ମୋରିସନ୍‌ଙ୍କୁ ମୀନାକରି କାମର ଏକ ସୁନ୍ଦର ଜାହାଜ ଉପହାର ଦେଇଛନ୍ତି ମୋଦି । ସେହିପରି ପ୍ରଧାନମନ୍ତ୍ରୀ ସୁଗାଙ୍କୁ ଚନ୍ଦନ କାଠରେ ନିର୍ମିତ ବୁଦ୍ଧ ମୂର୍ତି ଉପହାର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ଉପ-ରାଷ୍ଟ୍ରପତି କମଳା ହାରିଶଙ୍କ ସାକ୍ଷାତ୍କାରରେ ଆତଙ୍କବାଦ ଏକ ମୁଖ୍ୟ ପ୍ରସଙ୍ଗ ରହିଛି । ଆତଙ୍କବାଦ ପାଇଁ ପାକିସ୍ତାନଙ୍କୁ ସମାଲୋଚନା କରିଛନ୍ତି କମଳା ହାରିସ । ଆତଙ୍କବାଦ ଓ ଆତଙ୍କୀଙ୍କ ବିରୋଧରେ ପାକିସ୍ତାନ ସରକାର ଶକ୍ତ ନିଷ୍ପତି ନେବା ଦରକାର ବୋଲି ଆମେରିକା ଉପ-ରାଷ୍ଟ୍ରପତି କହିଛନ୍ତି ।

## ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ରର ଶୁଣାଣି ....

ଶୁକ୍ରବାର ରୋହିଣୀ କୋର୍ଟରେ ତାର ଶୁଣାଣି ଥିବାରୁ ତାକୁ କୋର୍ଟକୁ ଅଣାଯାଇଥିଲା । ସେହି ସମୟରେ ଦୁଇଜଣ ଅପରାଧି ଓକିଲ ବେଶରେ କୋର୍ଟ ପରିଷରରେ ପଶି ଆଖିବୁଜା ଗୁଳିଚାଳନା କରିଥିଲେ ଅନ୍ୟ ଗ୍ୟାଙ୍ଗର ଅପରାଧି । ଯେଉଁମାନେ ପୋଲିସ ଗୁଳିରେ ନିହତ ହୋଇଛନ୍ତି । ଦିଲ୍ଲୀର ଟିଲ୍ଲୁ ଗ୍ୟାଙ୍ଗର ସଦସ୍ୟ ଏହି ଘଟଣା ଘଟାଇଥିବା ପୋଲିସ ସ୍ପଷ୍ଟ କରିଛି । ଏଥିରେ ସମ୍ପୃକ୍ତ ଜଣେ ଅପରାଧୀ ମୁଣ୍ଡରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଥିବା ପୋଲିସ କହିଛି । ତେବେ କୋର୍ଟ ଭଳି ଏକ ସୁରକ୍ଷିତ ପରିବେସରେ ଗ୍ୟାଙ୍ଗୱାରକୁ ନେଇ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ୨ ଝିଅଙ୍କୁ ବିଷ ଦେଇ ନିଜେ....

କଷ୍ଟକର ହୋଇପଡିଛି । ତେଣୁ ପିଲାଙ୍କୁ ଖାଇବାକୁ ଦେଇ ନପାରିବାରୁ ଜୀବନରୁ ମାରି ଦେବାକୁ ନିଷ୍ପତ୍ତି ନେଇଥିଲେ ପୂର୍ଣ୍ଣିମା । ତେବେ ଶରତ ଥାନା ପୁଲିସ ଏହି ଘଟଣାର ତଦନ୍ତ କରୁଛି । ଲାବଣ୍ୟଦେଇପୁର ଗାଁର ଟୁରାମ ସିଂଙ୍କ ସ୍ତ୍ରୀ ପୂର୍ଣ୍ଣିମା ଗତ ବୁଧବାର ଦିନ ଦୁଇ ଝିଅଙ୍କୁ ବିଷ ପିଆଇ ନିଜେ ବିଷ ପିଇଥିଲେ । ମାଆ-ଝିଅଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଉଦଳା ଏବଂ ପରେ ବାରିପଦା ପିଆରଏମେ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ପୂର୍ଣ୍ଣିମାଙ୍କର ମୃତ୍ୟୁ ହୋଇଥିବା ବେଳେ ଝିଅ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି । ଏମାନଙ୍କ ଜୀବନ ପ୍ରତି ବିପଦ ନଥିବା ଡାକ୍ତର କହିଛନ୍ତି ।

# ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୪/୦୯(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୬୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ, ଓ ସୁନ୍ଦରଗଡ ଜିଲ୍ଲାରୁ ୩ ଜଣ ଲେଖାଏ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ଧାନବିଲରୁ ଯୁବକଙ୍କ ମୃତ ଦେହ ଉଦ୍ଧାର ଘଟଣା: ଅପରାଧ ଶିକାର କଲେ ଅଟକ ୩ ଅଭିଯୁକ୍ତ

ବାଲିଆପାଳ,୨୪/୦୯ (ନି.ପ୍ର): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ କସବା ଗ୍ରାମରେ ପରକୀୟା ପ୍ରୀତିରୁ ଘଟିଥିବା ବିବର୍ସ ହତ୍ୟା ଘଟଣାରେ ବାଲିଆପାଳ ପୋଲିସ ଦ୍ୱାରା ଅଟକ ଥିବା ୩ ଅଭିଯୁକ୍ତ ଅପରାଧ ଶିକାରକରିଛନ୍ତି । ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି । ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ସନ୍ଧ୍ୟାରାଣୀଙ୍କର ଭାଇ କରୁଣା କର ଦେ ଅରଫ ଫଟିଆ ଦେ ମଧ୍ୟ ଏହି ଘଟଣାରେ ସଂପୃକ୍ତ ଥିବା ପୋଲିସ କହିଛି । ତେବେ ସେ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ପାରି ନାହିଁ । ସୂଚନା ଆନୁସାରେ ବଡକସବା ଗ୍ରାମର ରବୀନ୍ଦ୍ର ଜେନାଙ୍କ ପତ୍ନୀ ସନ୍ଧ୍ୟାରାଣୀଙ୍କ ସହିତ ଅନୈତିକ ସଂପର୍କ ରଖିଆସୁଥିବା ସେହି ଗ୍ରାମର ଭାନୁଚରଣ ପାତ୍ରଙ୍କ ପୁଅ ତରୁଣପାତ୍ର ଗତ ବୁଧବାର ରାତିରୁ ନିଖୋଜ ଥିଲେ । ଗୁରୁବାର ସକାଳେ ଗ୍ରାମଠାରୁ ଅନ୍ୟତ୍ର ଦୂରରେ ରକ୍ତଭିଜା କାତି ମିଳିଥିବା ବେଳେ ରକ୍ତ ବୁନ୍ଦା ରବୀନ୍ଦ୍ରଙ୍କ ଘର ପର୍ଯ୍ୟନ୍ତ ପଡିଥିବା ଦେଖିବାକୁ ମିଳିଥିଲା । ତରୁଣକୁ ହତ୍ୟା କରାଯାଇଥିବା ସନ୍ଦେହ ପ୍ରକଟ କରି ଗ୍ରାମବାସୀ ରବୀନ୍ଦ୍ର ଓ ତାଙ୍କର ପତ୍ନୀ ସଂଧ୍ୟାରାଣୀକୁ ବାନ୍ଧି ନିର୍ଦ୍ଧୁମ ଛେଚିଥିଲେ । ପରେ ଗ୍ରାମ ଠାରୁ ୧ କିଲୋମିଟର ଦୂର ଧାନ ବିଲରୁ ତରୁଣଙ୍କ ମୃତ ଦେହ କାଦୁଅରେ ପୋତା ଯାଇଥିବା ଅବସ୍ଥାରେ ମିଳିଥିଲା । ରବୀନ୍ଦ୍ର ତାଙ୍କ ପତ୍ନୀକୁ ଗ୍ରାମବାସୀ ପୋଲିସରେ ଜିମା ଦେଇଥିଲେ । ସେମାନଙ୍କଠାରୁ ସୂଚନା ପାଇଁ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତ ସନ୍ଧ୍ୟାରାଣୀଙ୍କ ଧରମ ଭାଇ ବିଶ୍ୱଜିତ ଦାସଙ୍କୁ ବଡାପାଳ ଗ୍ରାମରୁ ଉଠାଇଥିଲେ। ଏହି ଘଟଣା ସ୍ଥାନୀୟ ଅଂଚଳର ଚର୍ଚ୍ଚାର ବିଷୟ ହୋଇଥିଲେ ପୋଲିସ ୧୬୬/୨୧ ରେ ଏକ ହତ୍ୟା ମାମଲା ରୁଜୁ କରିଛି ।

# ବନ୍ୟାଂଚଳକୁ ଛୁଟିଛି ନେତାଙ୍କ ସୁଅ, ତେଜୁଛି ରାଜନୀତି

## ଜଳକା ନଦୀ ଭେଡିବନ୍ଧ ଭାଙ୍ଗି ୩ଟି ପଂଚାୟତର ବ୍ୟାପକ ଫସଲ ନଷ୍ଟ



ବାରିପଦା,୨୪/୦୯ (ନି.ପ୍ର): ବନ୍ୟା ଛାଡି ଯାଇଛି ହେଲେ ଲୋକଙ୍କୁ ଦେଇଯାଇଛି ଅସୁମାରୀ ଦୁଃଖ । ଯାହାକୁ ନେଇ ବନ୍ୟାଂଚଳକୁ ଛୁଟିଛି ମାଳ ମାଳ ନେତାଙ୍କ ଭିଡ଼ । କଦୁଅ ପଚପଚ ରାସ୍ତାରେ ନେତାଙ୍କୁ ଦେଖି ତେଜୁଛି ରାଜନୀତି । ତେବେ ବନ୍ୟା ବାତ୍ୟାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଉଥିବା ବାତ୍ୟା ବିପତ୍ତିର ବନ୍ଧୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀଙ୍କ ଠାରୁ କର୍ମୀ ଏବଂ ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଲୋକଙ୍କ ନିକଟରେ ପହଞ୍ଚି ବିପତ୍ତି ସମୟରେ ସାହସ ଓ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଜି ଅଚାନକ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟାରେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ରାସଗୋବିନ୍ଦପୁର, ମୋରଡ଼ା ଅଞ୍ଚଳର ବନ୍ୟା ପ୍ରପୀଡିତ ଗରିବ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି । ଲୋକଙ୍କ ଦୁଃଖସୁଖ ବୁଝିବା ସହିତ ବନ୍ୟାଅଞ୍ଚଳକୁ ଯାଇ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ ମଧ କରିଛନ୍ତି ଏବଂ ବନ୍ୟା ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କ ନିକଟରେ ପହଞ୍ଚି ସୁଖଦୁଃଖରେ ସାମିଲ ହେବା ପାଇଁ ବିଜେଡି କର୍ମକର୍ତ୍ତା ମାନଙ୍କୁ ଆହ୍ୱାନ ଜଣାଇବା ସହିତ ବନ୍ୟା ପରବର୍ତ୍ତୀ ସମୟରେ ଏବଂ ଆଗକୁ ରହିଥିବା ଅନ୍ୟ ଲଘୁଚାପ ଜନିତ ବର୍ଷା ପାଇଁ ପରିସ୍ଥିତି ସହ ଦୃଢ ଭାବରେ ମୁକାବିଲା କରିବା ପାଇଁ ବିଜେଡି କର୍ମୀଙ୍କ ସହ ଆଲୋଚନା କରିଛନ୍ତି । ଏହିଗସ୍ତ କାଳରେ ପର୍ଯ୍ୟବେକ୍ଷକଙ୍କ ସହିତ ମରୋଡା ବିଧାୟକ ରାଜକିଶୋର ଦାସ, ରାଜ୍ୟ କୃଷି ଶିଳ୍ପ ନଗମର ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ବନ୍ୟାଂଚଳ ଗସ୍ତ କରିଥିଲେ । ସେହିପରି ବିଜେପି ଦଳ ପକ୍ଷରୁ ମରୋଡା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର , ବିଜେପିର ଜଲ୍ଲା ସଭାପତି କାନ୍ଦ୍ରା ସୋରେନ, କଂଗ୍ରେସ ଦଳ ପକ୍ଷରୁ ପିସିସି ସମ୍ପାଦକ ପ୍ରଭାସକର ମହାପାତ୍ର ମଧ ଦଳୀୟ କର୍ମୀଙ୍କ ସହିତ ବନ୍ୟାଂଚଳ ଗସ୍ତ କରି ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ସହିତ ଲୋକଙ୍କୁ ଚାଉଳ ଚୁଡା ଆଦି ରିଲିଫ ବଂଟନ କରିଥିଲେ । ତେବେ ବନ୍ୟା ଛାଡି ଯାଇଥିଲେ ମଧ ତାର ପ୍ରଭାବରେ ଗାଁ ରାସ୍ତାସବୁ କଦୁଅ ପଚପଚ ହୋଇରହିଛି । ବହୁ କଚ୍ଚାଘର ଭାଙ୍ଗିଥିବା ସହିତ ବହୁ ଚାଷଜମୀରେ ପାଣି ମଡି ଫଲ ନଷ୍ଟ ହୋଇଛି । ଏହି ଅଂଚଳରେ ଦୟନୀୟ ଅବସ୍ଥାରେ ଲୋକେ ଏବେବି ରହିଛନ୍ତି । ନେତା ମାନଙ୍କୁ ଗାଁରେ ଲୋକେ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରୁଥିବା ବେଳେ, କିଛି ଲୋକ ବିଭିନ୍ନ ଦଳର ନେତାଙ୍କୁ ବିରୋଧ ମଧ୍ୟ କରୁଛନ୍ତି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ନେତାମାନେ ସବୁ ମୁଣ୍ଡପାତି ସହି ନେବା ସହ ପ୍ରତିଶୃତି ଦେଇ ଚାଲିଥିବାର ଦେଖା ଯାଇଛି । ମାଳ ମଳ ନେତାଙ୍କର ଏଭଳି ଗସ୍ତକୁ ନେଇ ସ୍ଥାନୀୟ ଅଂଚଳରେ ରାଜନୈତିକ ଚର୍ଚ୍ଚା ଲାଗିରହିଛି । ତେବେ ଲଗାଣ ଲଘୁଚାପ ବର୍ଷା ଓ ବନ୍ୟାରେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକର ରାଘବପୁର, ବଡାମପୁର ଓ ତୋଟାପଡା ଗ୍ରାମପଂଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ପାଣି ବହୁ ଅଂଚଳରୁ ଛାଡି ଯାଇଥିଲେ ମଧ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଜଳକା ନଦୀ ଆଡିବନ୍ଧ ରାଘବପୁର ଠାରେ ଭାଙ୍ଗିଯିବା ଫଳରେ ବ୍ୟାପକ ଚାଷଜମୀରେ ପଣି ମାଡି ଯିବାରୁ ୩ଟି ପଂଚାୟତର ପ୍ରାୟ ୨୦୦୦ ହେକ୍ଟର ଜମୀରେ ଧାନ ଫସଲ ନଷ୍ଟ ହୋଇଛି । ଫଳରେ ଚାଷୀ ମନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଉକ୍ତ ସ୍ଥାନରେ ଇରିଗେସନ ବିଭାଗ ପକ୍ଷରୁ ଗତବର୍ଷ ବନ୍ଧ ମରାମତି ତଥା ପଥର ପ୍ୟାଚିଂ କାମ କରାଯାଇଥିଲେ ମଧ ବନ୍ଧଟି ଭାଙ୍ଗି ଯିବାରୁ ହଠାତ ଗାଁ ଗୁଡିକୁ ପାଣି ମଡି ଆସି ଏଭଳି ବ୍ୟାପକ କ୍ଷୟ କ୍ଷତି ହୋଇଥିବାର ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ।

# ସୂଚନା ଅଧିକାର ଅଧିନିୟମ କାର୍ଯ୍ୟକାରିତା ସମ୍ପର୍କିତ ଆଭାସି ପ୍ରଶିକ୍ଷଣ

ବାଲେଶ୍ୱର,୨୪/୦୯ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ, ଫାଷ୍ଟ ଅପିଲେଟ ଅଥରିଟିଙ୍କୁ ନେଇ ସୂଚନା ଅଧିକାର ଅଧିନିୟମ କାର୍ଯ୍ୟକାରିତା ସମ୍ପର୍କିତ ଏକ ଆଭାସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ନୀଳଗିରି ଉପ-ଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ସମେତ ସଦର ମହକୁମା ଓ ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ, ଫାଷ୍ଟ ଅପିଲେଟ ଅଥରିଟି ପ୍ରମୁଖ ଏଥିରେ ଯୋଡ଼ି ହୋଇ ସୂଚନା ଅଧିକାର ଅଧିନିୟମର ବିଭିନ୍ନ ଦିଗ ଉପରେ ସୂଚନା ଅଧିକାର ଆଇନ ବିଶେଷଜ୍ଞଙ୍କଠାରୁ ପ୍ରଶିକ୍ଷଣ ଲାଭ କରିଥିଲେ । ବିଶେଷ କରି ଅନଲାଇନ ମାଧ୍ୟମରେ କିଭଳି ଆବେଦନ ଗ୍ରହଣ କରାଯାଇପାରିବ ଏବଂ ଆବେଦନକାରୀଙ୍କୁ କିଭଳି ସୂଚନା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ସୂଚନା ଅଧିକାର ଆଇନ ବିଶେଷଜ୍ଞ ହର୍ଷ ପରିଚ୍ଛା ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଜନସୂଚନା ଅଧିକାରୀଙ୍କୁ ଅନଲାଇନରେ ସୂଚନା ପ୍ରଦାନ ପାଇଁ ଦିଆଯାଇଥିବା ଆଇ.ଡି. ଏବଂ ପାସୱାର୍ଡ ବ୍ୟବହାର ଓ ଜନସାଧାରଣ ଆବଶ୍ୟକ କରୁଥିବା ସୂଚନାକୁ କିଭଳି ସ୍ୱେଚ୍ଛାକୃତ ଭାବେ ଅନଲାଇନରେ ପ୍ରକାଶ କରିହେବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ଆଭାସୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ଜଣ ଅଂଶଗ୍ରହଣ କରିଥିବା ବେଳେ ଜିଲା ଜନସୂଚନା ଅଧିକାରୀ ତଥା ସହକାରୀ ଜିଲାପାଳ ସ୍ୱାଗତିକା ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଅତିରିକ୍ତ ଜନସୂଚନା ଅଧିକାରୀ ରବି ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ରାହୁଲ ସିଂ ଏବଂ ସତ୍ୟସାଗର ମଣ୍ଡଳ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ୧୪ତମ ପଂଚାୟତ ସମିତି ବୈଠକ : ଯୋଗଦେଲେ ସାଂସଦ ଓ ବିଧାୟକ

ଜଳେଶ୍ୱର ୨୪/୯(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ୧୪ତମ ପଂଚାୟତ ସମିତି ବୈଠକରେ ଆଜି ଶୁକ୍ରବାର ସାଂସଦ ପ୍ରତାପ ଷଡଙ୍ଗୀ ପ୍ରଥମକରି ଯୋଗ ଦେଇଥିବା ବେଳେ ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ। ଏଥିରେ କୃଷି, ଜଳସମ୍ପଦ, ରାସ୍ତାଘାଟ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପିଇବାପାଣି, ଶିଶୁ ଓ ମହିଳା ମଂଗଳ ବିଭାଗ ସହିତ ପଂଚାୟତରାଜ ବିଭାଗକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସ୍ଥାନୀୟ ବିଭାଗୀୟଙ୍କ କର୍ମକର୍ତ୍ତାଙ୍କ ଉଦାସୀନତା ସଂପର୍କରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ୧୧ଟି ପଂଚାୟତର ବିଭିନ୍ନ ସ୍ଥାନରେ ପାଣି ଜମା ହୋଇଥିବାରୁ କ୍ଷୟକ୍ଷତି ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ ହେଉଥିବାର କହିଥିଲେ । ୟୁରିଆ ସାରର ସରକାରୀ ମୂଲ୍ୟ ବୁରାପ୍ରତି ୨୬୫ଟଙ୍କା ଥିବା ବେଳେ କେତେକ ଡିଲର ୩୫୦ଟଙ୍କାରେ ବିକ୍ରି କରୁଥିବାର ଅଭିଯୋଗ ପରେ ଜଣକଙ୍କର ଲାଇସେନ୍ସ ବାଜ୍ୟାପ୍ତି କରାଯିବା, ସାର ଓ କିଟମରା ଔଷଧ ରିହାତି ଅର୍ଥ ଚାଷୀଙ୍କ ଜମାଖାତାକୁ ଯିବା ସଂପର୍କରେ କହିଥିଲେ । ଚଳିତବନ୍ୟାରେ ଶିଖରପୁର ଠାରେ ୧ କୋଟି ଟଙ୍କର ପଥର ପେକିଂ ଧୋଇ ଯାଇଥିବାରୁ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଥିଲା ଓ ନଦୀ ବନ୍ଧ ର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉଥିବାର ସହକାରୀ ଯନ୍ତ୍ରୀ ଇଂ ପ୍ରିୟବ୍ରତ ସିଂ କହିଥିଲେ। ବିଦ୍ୟୁତ ବିଭାଗରେ ସୌଭାଗ୍ୟ ଯୋଜନା ଠିକ୍‌ଭାବେ କାର୍ଯ୍ୟ ହେଉନଥିବା ଏବଂ ସେହି ଯୋଜନାରେ ହିତାଧିକାରୀଙ୍କୁ ବିନା ମିଟରରେ ବିଲ ଲାଗୁଥିବାରୁ ଏ ସମ୍ପର୍କରେ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ସଂଯୋଗ ବେଳେ ଠିକାଦାର ମାନେ ଲାଞ୍ଚ ମାଗୁଥିବାର ଅଭିଯୋଗ ହୋଇଛି । ଲକ୍ଷ୍ମଣନାଥଠାରେ ଏକ ନୂତନ ଷ୍ଟ୍ରକ୍‌ଚର ହେବାକୁ ଯାଉଥିବା ସଂପର୍କରେ ସହକାରୀ ଯନ୍ତ୍ରୀ ଇଂ ଭୂବନାନନ୍ଦ ସାହୁ କହିଥିଲେ । ଜଳେଶ୍ୱର ବ୍ଲକରେ ୭୫ହଜାର ଲୋକଙ୍କୁ ପ୍ରଥମ ଡୋଜ୍ ଓ ୭୦ ହଜାର ଲୋକଙ୍କୁ ୨ୟୟ ଡୋଜ୍ ଦିଆଯାଇଛି । ଅଦ୍ୟାବଧି ୧୬ଟି ସବ୍ ସେଣ୍ଟରେ ଗୃହ ନିର୍ମାଣ ହୋଇଥିବା ବେଳେ ଅନ୍ୟ ୧୦ଟିର ସ୍ଥାନ ଚିହ୍ନଟ ହୋଇନଥିବାରୁ ତାହା ନିର୍ମାଣ ହୋଇପାରୁନଥିବା ସଂପର୍କରେ ଡ. ପ୍ରଭାସ ଚନ୍ଦ୍ର ନାୟକ କହିଛନ୍ତି । ଜିକେ ଭଟ୍ଟର ହସ୍‌ପିଟାଲରେ ୮ଜଣ ଡାକ୍ତର କାର୍ଯ୍ୟ କରୁଥିବାର ସେ କହିଥିଲେ ।

# ଉଡ଼ନ୍ତା ପୋଲ ତଳ ଦୋକାନ ଉଚ୍ଛେଦ ପ୍ରସଙ୍ଗ

## ସ୍ଥାୟୀ ଥଇଥାନ ଦାବି କଲା ଓଭର ବ୍ରିଜ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ କମିଟି



ବାଲେଶ୍ୱର,୨୪/୦୯ (ନି.ପ୍ର): ବାଲେଶ୍ୱର ଉଡ଼ନ୍ତା ପୋଲ ମରାମତିରେ ଅନ୍ତରାୟ ହୋଇଥିବା ପୋଲତଳ ଦୋକାନ ଉଚ୍ଛେଦ ପ୍ରସଙ୍ଗକୁ ନେଇ ବିବାଦ କ୍ରମଶଃ ବଢ଼ିବାରେ ଲାଗିଛି। ତେବେ ଦୋକାନ ଉଚ୍ଛେଦ ପୂର୍ବରୁ ଦୋକାନୀଙ୍କ ସ୍ଥାୟୀ ଥଇଥାନ ନେଇ ପ୍ରଶାସନ ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ ଦାବି ଉଠାଇଛି ବାଲେଶ୍ୱର ଓଭର ବ୍ରିଜ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ କମିଟି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇ ପୋଲ ତଳୁ ଦୋକାନ ଉଚ୍ଛେଦକୁ ନେଇ ଉଚ୍ଚତମ ନ୍ୟାୟଳୟରେ ବିଚାରଧୀନ ମାମଲା ସମ୍ପର୍କରେ ସୂଚନା ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ପୋଲ ତଳୁ ଦୋକାନ ଉଚ୍ଛେଦ ସମୟସୀମା ସେପ୍ଟେମ୍ବର ୩୦କୁ ଧାର୍ଯ୍ୟ କରାଯାଇଥିବା ବେଳେ ଦୋକାନୀଙ୍କୁ ଥଇଥାନ ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀରେ ପ୍ରଶାସନର ଅସ୍ପଷ୍ଟ ଆଭିମୁଖ୍ୟକୁ ନେଇ କମିଟିର କର୍ମକର୍ତ୍ତାମାନେ ଉଦବେଗ ପ୍ରକାଶ କରିଥିଲେ। ମାତ୍ର ପ୍ରଶାସନ ଉଚ୍ଛେଦ ଦୋକାନୀଙ୍କୁ ପୌରାଞ୍ଚଳ ସୀମା ମଧ୍ୟରେ ଥଇଥାନ ନ କରାଇ ଅନ୍ୟତ୍ର ସ୍ଥାନାନ୍ତର କରିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦୋକାନୀମାନେ କହିଥିଲେ। ଅନ୍ୟପକ୍ଷରେ ଦୋକାନୀମାନଙ୍କ ପକ୍ଷରୁ ଉଚ୍ଚତମ ନ୍ୟାୟଳୟରେ ବିଚାରଧୀନ ମାମଲାର ଶୁଣାଣି ଅକ୍ଟୋବର ୪ ତାରିଖରେ ଥିବା ବେଳେ ପୋଲ ଓ ଉଚ୍ଛେଦ ଦୋକାନୀଙ୍କ ସ୍ଥିତି ସମ୍ପର୍କରେ ଜବାବ ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ମଧ୍ୟ ରହିଛି। ଆପାତତଃ ଉଚ୍ଚତମ ନ୍ୟାୟାଳୟରେ ଜବାବ ରଖିବା ପର୍ଯ୍ୟନ୍ତ ଉଚ୍ଛେଦକୁ ନେଇ ଜିଲା ପ୍ରଶାସନ କୌଣସି କଡ଼ା ଅଭିମୁଖ୍ୟ ଗ୍ରହଣ କରିବା ଉଚିତ ନୁହେଁ ବୋଲି କମିଟିର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷରେ ଦୀର୍ଘ ଦୁଇ ବର୍ଷଧରି କରୋନା ଯୋଗୁଁ ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ପୋଲ ତଳର ୧୭୦ ଦୋକାନୀ ଓ ସେମାନଙ୍କ କର୍ମଚାରୀଙ୍କ ପରିବାର ପ୍ରତିପୋଷଣ ଦୁର୍ବିସହ ହୋଇ ପଡ଼ିଛି।ଏଭଳି ସ୍ଥିତିରେ ପ୍ରଶାସନ ସେମାନଙ୍କୁ ଉଚିତ ସ୍ଥାନରେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ ସହ ଥଇଥାନ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଓଭର ବ୍ରିଜର ମରାମତି ପାଇଁ ସେମାନେ କେବେ ବି ବାଧା ଉପୁଜାଉ ନଥିବା ବେଳେ କେବଳ ସେମାନଙ୍କ ପରିବାର ପ୍ରତିପୋଷକୁ ଦୃଷ୍ଟି ଦେଇ ସେମାନଙ୍କୁ ପ୍ରଶାସନ ଉଚିତ ନ୍ୟାୟ ପ୍ରଦାନ ପାଇଁ ଏହି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

## ଜାତୀୟ ସାମାଜିକ ସେବା ଦିବସ ପାଳିତ

ନୀଳଗିରି,୨୪/୦୯ (ନି.ପ୍ର): ନୀଳଗିରି ଉପଖଣ୍ଡର ବରହମପୁର କନିଷ୍ଠ ମହାବିଦ୍ୟାଳୟରେ ଜାତୀୟ ସାମାଜିକ ସେବା ଦିବସ ପାଳିତ ହୋଇଯାଇଛି। ଏହି ସେବା ଦିବସରେ କଲେଜର ଅଧ୍ୟକ୍ଷ ଡ. ଅମରନାଥ ସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଯୋଜନା ଅଧିକାରୀ ବାଲୁକେଶ୍ୱର ବଳ ଏନ.ଏସ.ଏସ.ର ଗୁରୁତ୍ୱ ଓ ଆଭିମୁଖ୍ୟ ବିଷୟରେ ବିଷଦ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରବିନାରାୟଣ ପରିଡ଼ା, ରଂଜନ କୁମାର ବେହେରା, ସମୀରକୁମାର ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ସ୍ୱେଚ୍ଛସେବୀ ସଂଗଠନର ସଦସ୍ୟ, କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ବୋଲି ସ୍ଥିତି ପରଖିଲେ ପୂର୍ତ୍ତ ମନ୍ତ୍ରୀ



ବାଲିଆପାଳ,୨୪/୦୯ (ନି.ପ୍ର): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ସୁବର୍ଣ୍ଣରେଖା ନଦୀର ପ୍ରଳଙ୍କରୀ ବନ୍ୟା ଆସି ପ୍ରଭୂତ କ୍ଷତି କରିଛି । ଆଜି ରାଜ୍ୟ ପୂର୍ତ୍ତ ନଗର ଉନ୍ନୟନ ମନ୍ତ୍ରୀ ବନ୍ୟା କ୍ଷତିଗ୍ରସ୍ତ ଜଜାମକୁଣ୍ଡା ଓ ବିଷ୍ଣୁପୁର ପଂଚାୟାତ ବିଭିନ୍ନ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ତେବେ ମନ୍ତ୍ରୀ ଜାମକୁଣ୍ଡାଠାରେ ସୁବର୍ଣ୍ଣରେଖା ନଦୀ ଉପରେ ହେବାକୁ ଥିବା ୧୨୯ କୋଟି ଟଙ୍କା ପୋଲ ନିର୍ମାଣର କାର୍ଯ୍ୟର ସମୀକ୍ଷା କରିଥିଲେ। ଏଲଏନଟି କମ୍ପାନୀ ପକ୍ଷରୁ ଏହି ପୋଲ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏବେ ବନ୍ୟା ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ତେବେ ବନ୍ୟା ପରେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଏଲଏନଟିର ଅଧିକାରୀ ତାପସ କୁମାର ପଣ୍ଡା ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ମନ୍ତ୍ରୀଙ୍କ ସହିତ ଏହି ଗସ୍ତରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ଭୋଗରାଇ ବିଧାୟକ ଅନନ୍ତ ଦାସ,ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ,ରେମୁଣା ବିଧାୟକ ସୁଧାଂଶୁ ପରିଡା, ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ସମେତ ସ୍ଥାନୀୟ ନେତୃ ମଣ୍ଡଳୀ ପ୍ରମୁଖ ଏହି ଗସ୍ତରେ ସାମିଲ ଥିଲେ । ପରେ ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗାଳଠାରେ ଦଳୀୟ ସଂଗଠନ ବିଷୟରେ ଆଲୋଚନା ହୋଇଥିଲା ।

# ପାରାଦୀପ ବନ୍ଦର ପକ୍ଷରୁ "ସବୁଜ ଓ ନିରାପଦ ବନ୍ଦର" ୱେବିନାର ଆୟୋଜିତ



ପାରାଦୀପ,୨୪/୦୯ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଶୁକ୍ରବାର ଦିନ ଆଜାଦି କା ଅମୃତ ମହୋତ୍ସବର ଏକ ଅଂଶ ଭାବେ ଏବଂ କୋଭିଡ୍-୧୯ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଅନଲାଇନ୍ ମାଧ୍ୟମରେ "ସବୁଜ ଏବଂ ନିରାପଦ ବନ୍ଦର" ଉପରେ ଏକ ୱେବିନାର ଆୟୋଜିତ ହୋଇଯାଇଛି । ଏକ ନିରାପଦ, ସ୍ଥାୟୀ ଏବଂ ସବୁଜ ବନ୍ଦର ପାଇଁ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦିଷ୍ଟ ଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ତାଙ୍କ ଉଦ୍‌ଘାଟନୀ ଭାଷଣରେ ପାରାଦୀପ ବନ୍ଦରକୁ ଏକ ସ୍ଥାୟୀ, ଦକ୍ଷ ଏବଂ ସବୁଜ ବନ୍ଦର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ସବୁଜ ପଦକ୍ଷେପକୁ ଆଲୋକିତ କରିବା ବ୍ୟତୀତ ଭବିଷ୍ୟତ ପିଢି ପାଇଁ ସ୍ୱଚ୍ଛ ଏବଂ ସବୁଜ ପରିବେଶ ନିଶ୍ଚିତ କରିବାକୁ ଉପାଧ୍ୟକ୍ଷ ଶ୍ରୀ ବୋଷ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଏମ୍‌ଇ ଏସ୍.କେ.ଦାସ, ଡେପ୍ୟୁଟି ସିଇଇ ଚନ୍ଦନ ପାଣିଗ୍ରାହୀ, ଡେପ୍ୟୁଟି ସିଏମ୍‌ଇ ଦୀପକ ରଥ, ସି.ଇ ମଳୟ ଦାସଗୁପ୍ତା, ପାଇଲଟ କ୍ୟାପ୍‌ଟେନ ଅମିତ କୁମାର ପ୍ରମୁଖ ଏହି ଆଲୋଚନା ଚକ୍ରରେ ଭାଗ ନେଇ ବନ୍ଦର ନିଷିଦ୍ଧାଞ୍ଚଳ ତଥା ସହରରେ ସବୁଜ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ବନ୍ଦର ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପି.ପି.ସାହା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣରେଖାର ରାଜଘାଟ ଜଳପତ୍ତନ ପୁଣି ବିପଦ ସଂକେତ ଉର୍ଦ୍ଧ୍ୱରେ

ଜଳେଶ୍ୱର, ୨୪/୯(ନି.ପ୍ର): ଗତ ଶୁକ୍ରବାର ଦିନ ତମାମ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ବଢି ଆଜି ଦିନ ୧୧ଟାରେ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହୋଇଛି । ଦୀର୍ଘ ୩ ଘଣ୍ଟା ଧରି ୧୦.୩୭ ମିଟର ରହିଥିବା ବେଳେ ସଂଧ୍ୟାବେଳକୁ ଖସୁଥିଲେ ମଧ୍ୟ ତଳିଆ ଅଂଚଳରେ ପାଣି ବଢି ଚାଲିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଆଜି ମଧ୍ୟ ଚାନ୍ଦିଲିରେ ୬ଟି ଫାଟକ ଖୋଲାଥିବା ବେଳେ ୩୫ହଜାର କ୍ୟୁସେକ୍ ପାଣି ପ୍ରବାହିତ ହେଉଛି । ସେହିପରି ଗାଲୁଡିହି ଠାରେ ୧୧ଟି ଫାଟକ ଖୋଲାଥିବା ବେଳେ ୮୦ହଜାର କ୍ୟୁସେକ୍ ପାଣି ନିଷ୍କାସନ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗଙ୍କ ରିପୋର୍ଟରୁ ପ୍ରକାଶ । ଉପର ମୁଣ୍ଡରେ ଅଧିକ ବର୍ଷା ନଥିଲେ ମଧ୍ୟ ପୂର୍ବରୁ ହୋଇଥିବା ବର୍ଷା ବନ୍ୟାପରିସ୍ଥିତି ସୃଷଷ୍ଟି କରିଥିବାରୁ ଏବେ ତାହା ଜଳପତ୍ତନ ବଢାଇଥିବାର କାରଣ ହୋଇଥିଲା । ପ୍ରକାଶାଯୋଗ୍ୟ ସୁବର୍ଣ୍ଣରେଖା ନଦୀର ଆଦୌ ଶାଖା ନଦୀ ନଥିବାରୁ ବହୁ ଉପନଦୀ ଦ୍ୱାରା ସୁବର୍ଣ୍ଣରେଖା ନଦୀ ପ୍ଳାବିତ ହୋଇଥାଏ। ଜଳେଶ୍ୱର ତଳ ଅଂଚଳର ବାଇଗଣବାଡିଆ, ଝାଡପିମ୍ପଳ , ଖାଲିନା, ପଶ୍ଚିମବାର୍ଡ , ନାମ୍ପୋ , ସମ୍ପୈତ୍ତିନଆ, ନେତୁଆ , ରାୟାଁରାମଚନ୍ଦ୍ରପୁର , ପାଇକସିଦା ଓ ଗଡସାହି ବାଲିଆପାଳ ଅଂଚଳର ୨୫ଟି ଗାଁ ବନ୍ୟାପାଣି ଘେରରେ ରହିଛି। ସୁବର୍ଣ୍ଣରେଖଶ ନଦୀର କେତେକ ସ୍ଥାନରେ ଖାଦ୍ୟ ବିନିମୟରେ କାମ (ଟେଷ୍ଟ ରିଲିଫ ଏମ୍‌ବାକ୍‌ମେଣ୍ଟ) ତ୍ୱଳା ବେଳେ ଅନ୍ୟକେତେକ ସ୍ଥାନରେ ନାହିଁ। ଏଏକ ହିସବରୁ ପ୍ରକାଶ ପ୍ରାୟ ୮୦ କିମି ନଦୀ କୂଳେ କୂଳେ ବନ୍ଧ ଥିବା ବେଳେ ୪୫ କିମିରେ କୌଣସି ବନ୍ଧ ନାହିଁ । ପୁଣି ଜଳେଶ୍ୱର ଅଂଚଳରେ ଥିବା ୨୪ଟି ଖାଳ ଦ୍ୱାରା ନଦୀର ବନ୍ୟାପାଣି ସମତଳକୁ ମାଡିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି ।

# ବାଲିଆପାଳ ମିଡିଆଫୋରମ ପକ୍ଷରୁ ସ୍ୱର୍ଗତଃ ଅରିନ୍ଦମ ଦାସଙ୍କ ବିୟୋଗରେ ସ୍ମୃତିସଭା



ବାଲିଆପାଳ,୨୪/୦୯ (ନି.ପ୍ର): କାର୍ଯ୍ୟରତ ସାମ୍ବାଦିକ ଅରିନ୍ଦମ ଦାସଙ୍କ ବିୟୋଗରେ ଆଜି ବାଲିଆପାଳ ମିଡିଆ ଫୋରମ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି ।ମିଡିଆ ଫୋରମର ସଂପାଦକ ବରିଷ୍ଠ ସାମ୍ବାଦିକ ପ୍ରତାପ ପାତ୍ର ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବରିଷ୍ଠ ଅଧାପକ ସୁକାନ୍ତ ଗିରି,ବାଲିଆପାଳ କଳାକାର ସଂଘର ଉପସଭାପତି ପ୍ରଫୁଲ୍ଲ କୁମାର ବାଗ,କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ,କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ,ବ୍ୟୋମକେଶ ସାହୁ ,ବରିଷ୍ଠ ସାମ୍ବାଦିକ ଅଜିତ ଦାସ,ସାଗର ପଟ୍ଟନାୟକ,ରାଧା ଗୋବିନ୍ଦ ଦାସ,ଗୋପବନ୍ଧୁ ସାହୁ,ଶମ୍ଭୁନାଥ ଦାସ,ଚନ୍ଦନ ଜେନା,ପଙ୍କଜ କୁମାର ସାହୁ,ଉମାକାନ୍ତ ନାୟକ,ଚନ୍ଦନ ଜେନା,ଦିପ୍ତିରଞ୍ଜନ ଜେନା ,ତାରାକାନ୍ତ ଜେନା, ଶାନ୍ତନୁ ମହାପାତ୍ର, ଶିବକୃଷ୍ଣ ପ୍ରମାଣିକ, ସୁଶାନ୍ତ ଦାସ ସମେତ ବହୁ ସାମ୍ବାଦିକ ଓବୁଦ୍ଧିଜିବୀ ଯୋଗ ଦେଇ ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିଥିଲେ ।ପ୍ରାରମ୍ଭରେ ସ୍ୱର୍ଗତଃ ଦାସଙ୍କ ତୈଳଚିତ୍ରରେ ପୁଷ୍ପଅର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅମର ଆତ୍ମାର ସଦଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ଓଡିଶା ଜଣେ ନିର୍ଭୀକ ସାମ୍ବାଦିକ ଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିବା ସହ ଭଗବାନ ତାଙ୍କର ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ ।

## ବନ୍ଦର ଘରୋଇକରଣକୁ ବିରୋଧ କରି କେନ୍ଦ୍ରୀୟ ପୋର୍ଟ ଆଣ୍ଡ ଡକ୍ ଫେଡେରେସନ୍ ତରଫରୁ ବିକ୍ଷୋଭ

ପାରାଦୀପ,୨୪/୦୯ (ନି.ପ୍ର): ଶୁକ୍ରବାର ଦିନ କେନ୍ଦ୍ରୀୟ ପୋର୍ଟ ଆଣ୍ଡ ଡକ୍ ଫେଡେରେସନ୍ ତରଫରୁ ବନ୍ଦର ଘରୋଇ କରଣକୁ ବିରୋଧ କରି ପାରାଦୀପ ପ୍ରଶାସନିକ ଭବନ ସମ୍ମୁଖରେ ସର୍ବଭାରତୀୟ ପୋର୍ଟ ଆଣ୍ଡ ଡକ୍ ଫେଡେରେସନ୍ ଡାକରାରେ ଏକ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବନ୍ଦର କର୍ତ୍ତୃପକ୍ଷଙ୍କୁ ୫ଦଫା ଦାବୀପତ୍ର ପ୍ରଦାନ କରାଯାଇଛି । ଖବରରୁ ପ୍ରକାଶ ଯେ କେନ୍ଦ୍ର ସରକାରଙ୍କର ଶ୍ରମିକ ବିରୋଧି ତଥା ଜାତୀୟ ସ୍ୱାର୍ଥ ବିରୋଧୀ ନୀତିକୁ ବିରୋଧ କରି ଅନୁବନ୍ଧିତ ପାରାଦୀପ ବନ୍ଦରରେ କାର୍ଯ୍ୟକ୍ଷମ ଶ୍ରମିକ ସଂଗଠନ ମାନଙ୍କ ତରଫରୁ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ସରକାରଙ୍କର ଏହି ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରି ଏକ ଘଣ୍ଟାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବିକ୍ଷୋଭ




ବାଲେଶ୍ୱର,୨୪/୦୯ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ମିଳିତ ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ଅଙ୍ଗନବାଡ଼ି, ଆଶା, ମଧ୍ୟାହ୍ନ ଭୋଜନ ପାଚିକା ଆଦି ସ୍କିମ୍ ଶ୍ରମିକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶିତ ହୋଇଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀସଂଘ ଜିଲା ସଭାପତି ପ୍ରତିଭା ପାଲଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ସହର ଶାଖା ସମ୍ପାଦକ ନିର୍ବାସିନୀ ପ୍ରଧାନ, ଶାନ୍ତିଲତା ମାଝୀ, ରିଙ୍କି ହାଲଦାର, ରୁରାଲ୍-୨ର ଜିଲା ସଭାପତି ସୁଷମା ପାତ୍ର, ରେମୁଣା କମିଟିର ମାନିନୀ ଆଚାର୍ଯ୍ୟ, ଅନୁପମା ଗିରି, ସଦର କମିଟିର ନିଳିମା ଜେନା, ନିୟତି ସାହୁ ପ୍ରମୁଖ ଯୋଗଦେଇ ସ୍କିମ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଦେବା ପ୍ରତିବଦଳରେ ସରକାର ଶୋଷଣ କରିଚାଲିଛନ୍ତି ବୋଲି ଆରୋପ କରିଥିଲେ। ଆଇଏଲସି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇ ସହ ସ୍କିମ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ମାସିକ ଭତ୍ତା ସର୍ବନିମ୍ନ ୨୧ ହଜାର ଟଙ୍କା ପ୍ରଦାନ କରିବା, ଅବସରପରେ ମାସିକ ୧୦ହଜାର ଟଙ୍କାର ପେନସନ ପ୍ରଦାନ, ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର ପାଇଁ ସଂଘପକ୍ଷରୁ ଦାବି ହୋଇଥିଲା। ଏଥି ସହିତ ଆଗାମୀ ୨୭ ସେପ୍ଟେମ୍ବର ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଆହୂତ 'ଭାରତବନ୍ଦ'କୁ ସଂପୂର୍ଣ୍ଣ ସଫଳ କରିବାପାଇଁ କୃଷକ, ଶ୍ରମିକ, ଯୁବଛାତ୍ର, ବୁଦ୍ଧିଜୀବୀ, ମହିଳା, ପଥବିକ୍ରେତା ଓ କ୍ଷୁଦ୍ରବ୍ୟବସାୟୀ ସମସ୍ତେ ସଫଳ କରାଇବାପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ଦଫା ଦାବି ସମ୍ୱଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# କିଶାନ ମୋର୍ଚ୍ଚାର ୨୭ ତାରିଖ ଭାରତ ବନ୍ଦକୁ କଂଗ୍ରେସ ଓ ବାମଦଳର ସମର୍ଥନ



ବାରିପଦା,୨୪/୦୯ (ନି.ପ୍ର): କଳା କୃଷି ଆଇନର ପ୍ରତ୍ୟାହାର, ଚାରିଗୋଟି ଶ୍ରମ କୋଡ ରଦ୍ଦ, ଏମ.ଏସ.ପି.ର ଆଇନଗତ ମାନ୍ୟତା , ଜନ ବିରୋଧ ବିଦ୍ୟୁତ ବିଲାର ପ୍ରତ୍ୟାହାର, ଭାଗଚାଷୀ ଓ କ୍ଷେତ ମଜଦୁର ପାଇଁ ସତନ୍ତ୍ର ଆଇନ ପ୍ରଣୟନ, ଡିଜେଲ, ପେଟ୍ରୋଲ, ଗ୍ୟାସ , ଖାଇବା ତେଲ ଓ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ବିରୋଧରେ କିଶାନ ମୋର୍ଚ୍ଚର ୨୭ ତାରିଖ ସୋମବାର ଭାରତ ବନ୍ଦ ଡାକରାକୁ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସି.ପି.ଏମ., ସି.ଆଇ.ଟି.ୟୁ, ଏ.ଆଇ.ଟି.ୟୁ.ସି. ଟ୍ରେଡ ୟୁନିୟନ, କଂଗ୍ରେସ ଦଳ ଓ ଅନ୍ୟ ବିରୋଧୀ ଦଳ ଗୁଡିକ ମିଳିତ ଭାବରେ ସମର୍ଥ କରୁଥିବାର ଜଣାଯାଇଛି । ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏବାବଦରେ ଆୟୋଜିତ ଏକ ବୈଠକରେ ବିଧିବଦ୍ଧ ଆଲୋଚନା କରାଯାଇ ଏହି ବନ୍ଦକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଛି । ଏହି ବୈଠକରେ ସି.ଆଇ.ଟି.ୟୁଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସି.ପି.ଆଇ ର ଜଗବନ୍ଧୁ ମିଶ୍ର, ସି.ପ.ଏମ.ର ରବି ଗୋସାମୀ ଓ ସି.ଆଇ.ଟି.ୟୁ ର ଅମଳ ଦେ, ଏ.ଆଇ.ଟି.ୟୁ.ସି ର ମହେଶ୍ୱର ବେହେରା, ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ତାରାକାନ୍ତ ବେହେରା, ସ୍ୱାଗନ ଦାସ, ଯୋଗେନ୍ଦ୍ର କୁମାର ଅଗ୍ରୱାଲ, ଦୀପକ ଦାସ, ନିର୍ମଳ ଚନ୍ଦ୍ର ପ୍ରଧାନ, ରତନଲାଲ ଶର୍ମା, ହରିଶଙ୍କର ଦାସ, ଜିଲ୍ଲା ଏସ.ସି. ସେଲର ଅଧକ୍ଷ ସଞ୍ଜୟ ସେଠୀ, ଓ.ବି.ସି. ସେଲର ଅଧକ୍ଷ ଦିଲ୍ଲୀପ ନାଏକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଜନସାଧାରଣଙ୍କୁ ଏହି ବନ୍ଦକୁ ସମର୍ଥନ ଓ ସଫଳ କରିବା ପାଇଁ ଅନୁରୋଧ ଜଣାଇଛନ୍ତି ।

# ସ୍କିମ ୱାର୍କର୍ସଙ୍କ ବିଭିନ୍ନ ଦାବି ନେଇ ସିଆଇଟିୟୁ ଅନୁବନ୍ଧିତ ସଙ୍ଗଠନଙ୍କ ବିକ୍ଷୋଭ

ବାଲେଶ୍ୱର,୨୪/୦୯ (ନି.ପ୍ର): ସ୍କିମ ୱାର୍କରଙ୍କ ସାମାଜିକ ସୁରକ୍ଷା ଦାବିରେ ସର୍ବଭାରତୀୟ ସମନ୍ୱୟ ସମିତି ଆହ୍ୱାନ କ୍ରମେ ବାଲେଶ୍ୱରରେ ଶ୍ରମିକ ସଙ୍ଗଠନ ସିଆଇଟିୟୁ ଅନୁବନ୍ଧିତ ଅଙ୍ଗନବାଡ଼ି କର୍ମୀ ସଂଘ, ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବନ୍ଦନା ବିଶ୍ୱାସ ଅଧ୍ୟକ୍ଷତା କରିଥିଲେ। ଉଭୟ ସଂଗଠନରୁ ଈଶାଣୀ ଷଡ଼ଙ୍ଗୀ, ଗୌରୀ ଦାସ, ଅନୁସୂୟା ଦଳାଇ, ସୁକାନ୍ତି ବିଶ୍ୱାଳ, ପୂର୍ଣ୍ଣିମା ବେହେରା, ମଞ୍ଜୁଲତା ଦାସ ପ୍ରମୁଖ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀ, ଆଶା ଓ ପାଚିକାମାନଙ୍କୁ ସ୍କିମ ୱାର୍କର କହି କେନ୍ଦ୍ର ସରକାର ଦୀର୍ଘଦିନ ଧରି ଠକି ଚାଲିଛନ୍ତି ବୋଲି ଆରୋପ କରିଥିଲେ। ଶିଶୁଙ୍କୁ ପାଠ ପଢ଼ାଇବା ସହିତ ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟିକରଣ ଯୋଜନା ଭଳି ଏକାଧିକ ବିଭାଗର ଯୋଜନାକୁ ତ୍ରୃମୂଳ ସ୍ତରରେ କାର୍ଯ୍ୟକାରୀ କରୁଥିବା ଏହି ସ୍କିମ ୱାର୍କରଙ୍କ ପ୍ରତି ସରକାରଙ୍କ ଉଦାସୀନତା କ୍ରମଶଃ ଅସହ୍ୟ ହେବାରେ ଲାଗିଛି ବୋଲି ବକ୍ତାମାନେ କହିଥିଲେ। କରୋନା ବେଳେ ନିଜ ଜୀବନକୁ ବିପଦ ମୁହଁକୁ ଠେଲି ଜନଗଣଙ୍କୁ ସ୍ୱାସ୍ଥ୍ୟସେବା ଦିଗରେ ସଚେତନତା ସୃଷ୍ଟି କରୁଥିବା ଏବଂ ଶିଶୁ ଓ ମା'ମାନଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଉଥିବା ଏହି ସ୍କିମ ୱାର୍କରସଙ୍କ ଦାବି ଓ ସମସ୍ୟା ପ୍ରତି ସରକାର ଗୁରୁତ୍ୱ ନଦେବା ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ କହିଥିଲେ। ସେମାନଙ୍କୁ ସର୍ବନିମ୍ନ ମଜୁରୀ, ସମାନକାମକୁ ସମାନ ମଜୁରୀ, ଅବସର ପରେ ପେନସନ୍ ଓ ସାମାଜିକ ସୁରକ୍ଷା, ବୀମା ଓ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ପାଇଁ ଦାବି କରିଥିଲେ। ଏଥି ସହିତ ସରକାରଙ୍କ ଘରୋଇକରଣ ବ୍ୟବସ୍ଥାକୁ ବିରୋଧକରି ଆସନ୍ତା ୨୭ ତାରିଖର ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାପାଇଁ ଏହି ନେତ୍ରୀମାନେ ଆହ୍ୱାନ ଦେଇଥିଲେ। ସ୍କିମ୍ ୱାର୍କରଙ୍କୁ ସମର୍ଥନ ଜଣାଇ ଏଆଇଟିୟୁସି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଯତିନ୍ ପାତ୍ର ଓ ସିଆଇଟିୟୁ ପକ୍ଷରୁ ବିଜୟ ପାତ୍ର, ଶିଶିର ହୁଇ ଏବଂ ନିକୁଞ୍ଜ ବସନ୍ତରାୟ ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ଅବିଚାରକୁ ଦୃଢ଼ ନିନ୍ଦା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ, ୭୮୬ ବାହନ ଜବତ

ଭୁବନେଶ୍ୱର,୨୪/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୮୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୯୭,୬୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଏକକୋଟିଏ ୫୦ ଲକ୍ଷ୍ୟ ଅଟକଳମୂଲ୍ୟର ପିଇବା ପାଣି ଶୁଭ ଦେଲେ ବସ୍ତା ବିଧାୟକ

ବସ୍ତା,୨୪/୦୯ (ନି.ପ୍ର):ବସ୍ତାବ୍ଲକ ବ୍ରାହ୍ମଣଦା ଗପଞ୍ଚୟତ ଅଧିନସ୍ଥ ମଧୁଭଣ୍ଡା ଗ୍ରାମ ରେ ରାଜ୍ୟ ସରକାର ପିଇବା ପାଣି ଯୋଜନା ରେ ମଧୁଭଣ୍ଡା, କୁଡିଆବାଟିଆ, ଗୋବର୍ଦ୍ଧନପୁର, ଏହି ୪ଟି ଗ୍ରାମକୁ ପାଇପଯୋଗେ ପିଇବାପାଣି ଯୋଗାଣ ପାଇଁ ଆଜି ଦେଢ କୋଟି ଟଙ୍କାର ପ୍ରକଳ୍ପ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଶୁଭ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣଦା ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ବୁଗୁଡି, ବସ୍ତା ବିଜେଡି ସଭାପତି ଅନିଲ କୁମାର ମହାନ୍ତି.ବରିଷ୍ଠ ନେତା ମହାଦେବଦାସ. ସମିତି ସଭ୍ୟ ରବିନ୍ଦ୍ର ଦାସ ୱାଡ ସଭ୍ୟା ପ୍ରଣତି ସେଠି, ଯୁବ ନେତା ସଞ୍ଜୟ କୁମାର ବୁଗୁଡି, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ସନ୍ୟାସୀ ସେଠୀ, ଗିରିଜା ଶଙ୍କର ରାଉତ, ରମାକାନ୍ତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ସୁରେନ୍ଦ୍ର ବୁଗୁଡି ସୁଦାମଚରଣ ବେହେରା, କାଳିଚରଣ ବେହେରା ପ୍ରମୁଖ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo